بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 45

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

11 ନଭେମ୍ବର 2021 | 11 ନବୁଓ୍ୱତ୍ 1400 ହି.ଶ | 05 ରବିଉଲ୍ ସାନି 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

وَلَا تَمۡشِ فِی الۡاَرۡضِ مَرَحًا ۚ اِنَّکَ لَنۡ تَخۡرِقَ الۡاَرۡضَ وَلَنۡ تَبۡلُغَ الۡجِبَالَ طُوۡلًا

(بنی اسرائیل:38)

ଅନୁବାଦ- ଏବଂ ପୃଥିବୀ ପୃଷ୍ଠରେ ଉଦ୍ଧତ ଭାବରେ ଚାଲନାହିଁ, କାରଣ ତୁମ୍ଭେ ଏପରି ଭାବରେ ଦେଶର ଶେଷ ସୀମାରେ 'ପହଂଚି ପାରିବ ନାହିଁ କି ନେତୃତ୍ୱର' ଶିଖର ଦେଶରେ ପହଂଚି ପାରିବନାହିଁ ।

*(ବନି ଇସ୍ରାଇଲ: ୩୮*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ ଅ.ବ କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ଓ୍ୱର ଅ.ବ ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର ଅ.ବ ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ଓ୍ୱ ବାରିକ୍‌ଲନା ଫି'ଉମ୍‌ରିହି ଓ୍ୱ ଅମ୍‌ରିହି ॥**

**ମୁଁ ମୋ ଜମାତ୍‌ର ଲୋକମାନଙ୍କୁ ସାବଧାନ କରୁଅଛି ଯେ ଗର୍ବ ଓ ଅହଙ୍କାରରୁ ଦୂରେଇ ରୁହନ୍ତୁ କାରଣ ଅହଙ୍କାର ହେଉଛି ଆମ ମହିମାମୟ ଇଶ୍ୱରଙ୍କ ଦୃଷ୍ଟିରେ ଅତ୍ୟନ୍ତ ଘୃଣ୍ୟ ।**

## ହଜରତ ମସିହ ମଉଦ ଆ.ସ ଙ୍କ ନୀତି ବାଣୀ

ମୁଁ ମୋ ଜମାତ୍‌ର ଲୋକମାନଙ୍କୁ ସାବଧାନ କରୁଅଛି ଯେ ଗର୍ବ ଓ ଅହଙ୍କାରରୁ ଦୂରେଇ ରୁହନ୍ତୁ କାରଣ ଅହଙ୍କାର ହେଉଛି ଆମ ମହିମାମୟ ଇଶ୍ୱରଙ୍କ ଦୃଷ୍ଟିରେ ଅତ୍ୟନ୍ତ ଘୃଣ୍ୟ । କିନ୍ତୁ ତୁମେମାନେ କାଳେ ବୁଝିପାରିବ ନାହିଁ ଯେ ଅହଙ୍କାର କ'ଣ ଜିନିଷ । ଅତଏବ ମୋଠାରୁ ବୁଝିନିଅନ୍ତୁ କାରଣ ମୁଁ ଈଶ୍ୱରଙ୍କ ଆତ୍ମା ଜରିଆରେ କହୁଅଛି । ପ୍ରତ୍ୟେକ ବ୍ୟକ୍ତି ଯିଏ ନିଜ ଭାଇକୁ କେବଳ ଏଥିସକାଶେ ଘୃଣା କରୁଛି ଯେ ସେ ତା'ଠାରୁ ଅଧିକ ଜ୍ଞାନୀ କିମ୍ବା ଅଧିକ ବୁଦ୍ଧିମାନ ବା ଅଧିକ ଦକ୍ଷ ବୋଲି ସେ ହେଉଛି ଜଣେ ଅହଙ୍କାରୀ କାରଣ ସେ ଈଶ୍ୱରଙ୍କୁ ବୁଦ୍ଧି ଓ ଜ୍ଞାନର ଉତ୍ସ ବୋଲି ଭାବୁନାହିଁ ଏବଂ ସେ ନିଜକୁ କିଛି ବିଶେଷ ବୋଲି ଭାବୁଛି । ତାକୁ ପାଗଳ କରିଦେବା ପାଇଁ କଣ ଈଶ୍ୱରଙ୍କ ନିକଟରେ ଶକ୍ତି ନାହିଁ ଏବେ କଣ ତା'ର ସେହି ଭାଇକୁ ତା'ଠାରୁ ଅଧିକ ବୁଦ୍ଧି, ଜ୍ଞାନ ଓ ଦକ୍ଷତା ପ୍ରଦାନ କରିବାକୁ ଈଶ୍ୱର ଶକ୍ତି ରଖିନାହାନ୍ତି, ଯେଉଁ ଭାଇକୁ ସେ ନ୍ୟୁନ ମଣୁଥିଲା ? ସେହିପରି ଯେଉଁ ବ୍ୟକ୍ତି ଯିଏ ନିଜର ଧନ ଦଉଲତକୁ ଆଖି ଆଗରେ ରଖି ନିଜ ଭାଇକୁ ନ୍ୟୁନ ମଣୁଥାଏ, ସେ ମଧ୍ୟ ଜଣେ ଅହଙ୍କାରୀ । କାରଣ ସେ ଏକଥାକୁ ଭୁଲିଯାଉଛି ଯେ ସେହି ଧନଦଉଲତ ଓ ବୈଭବ ତାକୁ ଈଶ୍ୱର ହିଁ ତାକୁ ପ୍ରଦାନ କରିଥିଲେ । ଏପରି ବ୍ୟକ୍ତି ହେଉଛି ଜଣେ ଅନ୍ଧ କାରଣ ସେ ଏକଥା ଜାଣୁନାହିଁ ଯେ ସେହି ସର୍ବଶକ୍ତିମାନ ଅଲ୍ଲାଃ ତା ଭାଗ୍ୟ ଚକ୍ରକୁ ଏମିତି ଘୂରାଇ ଦେବାକୁ ସକ୍ଷମ ଯେ ସେ କ୍ଷଣିକ ମଧ୍ୟରେ ତଳିତଳାନ୍ତ ହୋଇ ଯିବ ଏବଂ ତା'ର ସେହି ଭାଇ ଯାହାକୁ ସେ ନ୍ୟୁନ ମଣୁଥିଲା, ତା'ଠାରୁ ଅଧିକ ଓ ଉତମ ଧନ ଦଉଲତ ଓ ବୈଭବ ପ୍ରଦାନ କରିଦେବେ । ସେହିପରି ଜଣେ ବ୍ୟକ୍ତି ଯିଏ ନିଜର ଶାରିରୀକ ସ୍ୱାସ୍ଥ୍ୟ ପାଇଁ ଗର୍ବ କରୁଅଛି ତଥା ନିଜର ସୈନ୍ଦର୍ଯ୍ୟ ଏବଂ ଶକ୍ତି ଓ ବଳ ପାଇଁ ଗର୍ବିତ ଏବଂ ନିଜ ଭାଇକୁ ଥଟ୍ଟା ପରିହାସ କରି ତା'ର ଅପମାନଜନକ ନାମକରଣ କରିଥାଏ ଓ ତା'ର ଶାରିରୀକ ଦୃବଳତା ବିଷୟରେ ଲୋକମାନଙ୍କୁ ଶୁଣାଇଥାଏ, ସେ ମଧ୍ୟ ଜଣେ ଅହଙ୍କାରୀ । ଏପରି ବ୍ୟକ୍ତି ସେହି ଈଶ୍ୱରଙ୍କ ବିଷୟରେ ଅଜ୍ଞ ଯିଏ ନିମିଷକେ ତା' ଉପରେ ଏପରି ଶାରିରୀକ ଦୃବଳତା/ତ୍ରୁଟି/ ଦୋଷ ଅବତୀର୍ଣ୍ଣ କରି

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

**ଯେଉଁ ବଡ଼ କାମକୁ ବିସ୍‌ମିଲ୍ଲାଃରୁ ଆରମ୍ଭ ନ କରାଯାଏ ତାହା ବେବର୍‌କତ୍ (ଅର୍ଥାତ ଅସମ୍ପନ୍ନ) ହୋଇଥାଏ । ଅତଏବ ରସୁଲେ୍ କରିମ୍ ସ:ଆ:ସ ଏ ସୁନ୍ନତ (ରିତୀ) ପ୍ରତିଷ୍ଠା କରିଛନ୍ତି ଯେ ଜଣେ ମୁସଲମାନ ନିଜର ସମସ୍ତ କାର୍ଯ୍ୟକୁ ବିସ୍‌ମିଲ୍ଲାଃରୁ ଆରମ୍ଭ କରୁ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ "ବିସ୍‌ମିଲ୍ଲାଃ"ର ଶ୍ରେଷ୍ଠତ୍ୱ ସମ୍ବନ୍ଧରେ ଏହା କହିଛନ୍ତି:-

ବିସ୍‌ମିଲ୍ଲାଃର ପ୍ରାଧାନ୍ୟତା ଉପରେ ରସୁଲେ୍ କରିମ୍ ସ:ଆ:ସ ବିଶେଷ ଗୁରୁତ୍ୱ ଦେଇଛନ୍ତି । ମହାଭାଗ ସ:ଆ:ସ କହିଛନ୍ତି:- **କୁଲ୍ଲୁ ଅମ୍‌ରିନ୍ ଜିବାଲିନ୍ ଲା ୟୁବ୍‌ଦଉ ଫିହି ବିସ୍‌ମିଲ୍ଲାହିର୍ ରହ୍‌ମାନିର୍ ରହିମ୍ ଅକ୍‌ତଉ (ଅର୍‌ବଇନ୍ ହାଫିଜ୍ ଅବ୍‌ଦୁଲ୍ କାଦିର୍ ଅନ୍ ଅବି ହୁରୈରାଃ ବହଓ୍ୱାଲା ଅବ୍‌ଦାରୁଲ୍ ମନ୍‌ସୁର୍)** ଅର୍ଥାତ:- ଯେଉଁ ବଡ଼ କାମକୁ ବିସ୍‌ମିଲ୍ଲାଃରୁ ଆରମ୍ଭ ନ କରାଯାଏ ତାହା ବେବର୍‌କତ୍ (ଅର୍ଥାତ ଅସମ୍ପନ୍ନ) ହୋଇଥାଏ । ଅତଏବ ରସୁଲେ୍ କରିମ୍ ସ:ଆ:ସ ଏ ସୁନ୍ନତ (ରିତୀ) ପ୍ରତିଷ୍ଠା କରିଛନ୍ତି ଯେ ଜଣେ ମୁସଲମାନ ନିଜର ସମସ୍ତ କାର୍ଯ୍ୟକୁ ବିସ୍‌ମିଲ୍ଲାଃରୁ ଆରମ୍ଭ କରୁ । ଅତଃ ଗୋଟିଏ ହଦିସ୍‌ରେ ଏପରି ଉଲ୍ଲେଖ ରହିଛି- **ଉଗ୍‌ଲୁକ୍ ବାବକା ଓ୍ୱଜ୍‌କୁରୁସ୍‌ମଲ୍ଲାହି ଅଜ୍ଜଓ୍ୱ ଜଲ୍ଲା ଫଇନ୍ନସ୍ ଶୈତ୍ୱାନା ଲାୟଫ୍‌ତାହୁ ବାବନ୍ ମୁଗ୍‌ଲକନ୍ ଓ୍ୱତ୍‌ଫିଇ ମିସ୍‌ବାହକା ଓ୍ୱଜ୍‌କୁରୁସ୍‌ମଲ୍ଲାହି ଓ୍ୱ ଅଓକି ସିକାଅକା ଓ୍ୱଜ୍‌କୁରୁସ୍‌ମଲ୍ଲାହି ଅଜ୍ଜଓ୍ୱ ଜଲ୍ଲ (ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ ଖଣ୍ଡ-୩, ପୃ-୩୧୯)** ଅର୍ଥାତ ନିଜ ଘରର କବାଟ ବନ୍ଦ କରିବା ସମୟରେ ମଧ୍ୟ ବିସ୍‌ମିଲ୍ଲାଃ କୁହ ଏବଂ ଦୀପ ଲିଭାଇବା ସମୟରେ ମଧ୍ୟ ଓ ବାସନକୁସନକୁ ଘୋଡ଼ାଇବା ସମୟରେ ବି ଓ ନିଜ ପାଣିପାତ୍ରର ମୁହଁକୁ ବାନ୍ଧିବା ସମୟରେ ବି (ବିସ୍‌ମିଲ୍ଲାଃ ପଢ଼) ସେହିପରି ନିଜ ପତ୍ନୀଙ୍କ ନିକଟକୁ ଯିବା ସମୟରେ, ଓ୍ୱଜୁ କରିବା ସମୟରେ, ଖାଦ୍ୟ ଖାଇବା ବେଳେ, ପାଇଖାନାରେ ପ୍ରବେଶ କରିବା ପୂର୍ବରୁ ଓ ପୋଷାକ ପିନ୍ଧିବା

## ନବୀ ସ:ଆ:ସଙ୍କ ବାଣୀ

**ଯେପର୍ଯ୍ୟନ୍ତ ମୁଁ (ହଜୁର ସ:ଆ:ସ) ତୁମ ପାଇଁ ତୁମ ଜୀବନଠାରୁ ବି ଅଧିକ ପ୍ରିୟ ନ ହୋଇଛି ସେ ପର୍ଯ୍ୟନ୍ତ ଇମାନ୍ (ବିଶ୍ୱାସ) ସମ୍ପୁର୍ଣ୍ଣ ହୋଇପାରିବ ନାହିଁ ।**

ଉମର୍ ର:ଅ ହଜୁର ସ:ଆ:ସଙ୍କୁ ନିବେଦନ କଲେ, ହେ ଅଲ୍ଲାଃଙ୍କ ରସୁଲ୍ ! ଆପଣ ମତେ ପ୍ରତ୍ୟେକ ଜିନିଷ ଅପେକ୍ଷା ଅଧିକ ପ୍ରିୟ ଅଟନ୍ତି । କେବଳ ମୋ ଜୀବନ ବ୍ୟତୀତ । ଏଥିରେ ମହାଭାଗ ସ:ଆ:ସ କହିଲେ ନୁହେଁ । ମତେ ତାହାଙ୍କ ରାଣ ଯାହାଙ୍କ ହାତରେ ମୋ ଜୀବନ ଅଛି (ଇମାନ୍ ସେ ପର୍ଯ୍ୟନ୍ତ ସମ୍ପୁର୍ଣ୍ଣ ହୋଇପାରିବ ନାହିଁ) ଯେ ପର୍ଯ୍ୟନ୍ତ ମୁଁ ତୁମ ଜୀବନଠାରୁ ବି ଅଧିକ ପ୍ରିୟ ନ ହୋଇଯାଇଛି । ଏଥିରେ ଉମର୍ ର:ଅ ନିବେଦନ କଲେ ପୁଣି ଅଲ୍ଲାଃଙ୍କ ସୌଗନ୍ଧ ! ଏବେ ଆପଣ ମୋ ଜୀବନଠାରୁ ବି ଅଧିକା ପ୍ରିୟ ଅଟନ୍ତି । ମହାଭାଗ ସ:ଆ:ସ କହିଲେ ହଁ ଉମର୍ ! ଏବେ ତୁମର ଇମାନ୍ ସମ୍ପୁର୍ଣ୍ଣ ହେଲା । ***(ସହି ବୁଖାରୀ, କିତାବୁଲ୍ ଇମାନ୍ ଓ୍ୱନ୍ ନୁଜୁର, ବାବ୍ କୈଫା କାନତ୍ ନବିୟି ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍)***

## ୧୨୬ ତମ ଜଲ୍‌ସା ସାଲାନା କାଦିଆନ୍

୧୨୬ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ସୟଦନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୨୦୨୧ ମସିହା ଡ଼ିସେମ୍ବର ମାସର ୨୪, ୨୫ ଏବଂ ୨୬ ତାରିକ (ଶୁକ୍ର, ଶନି ଏବଂ ରବିବାର)କୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ସଦସ୍ୟମାନେ ଏବେଠାରୁ ପ୍ରାର୍ଥନା କରି ଏହି ମୁବାରକ ଜଲ୍‌ସାରେ ସାମିଲ ହେବା ଉଦ୍ଦେଶ୍ୟରେ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ ଏହି ଈଶ୍ୱରୀୟ ଜଲ୍‌ସାରୁ ଉପକୃତ ହୋବର ସୌଭାଗ୍ୟ ପ୍ରଦାନ କରନ୍ତୁ । ପ୍ରତି କ୍ଷେତ୍ରରୁ ଏହି ଜଲ୍‌ସା ସାଲାନ ସଫଳ ଓ ବାବର୍‌କତ୍ ହେବା ପାଇଁ ଶୁଦ୍ଧ ଆତ୍ମାଗୁଡ଼ିକର ମାର୍ଗଦର୍ଶନ କାରଣ ହେବା ପାଇଁ ଦୁଆ (ପ୍ରାର୍ଥନା) ଜାରି ରଖନ୍ତୁ । ଜଯାକୁମୁଲ୍ଲାଃ ।

***(ନାଜିର୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)***

ସମୟରେ ବିସ୍‌ମିଲ୍ଲାଃ କୁହାଯିବା କଥା ଅନ୍ୟାନ୍ୟ ହଦିସ୍‌ଗୁଡ଼ିକରୁ ପ୍ରମାଣିତ । ପବିତ୍ର କୁର୍‌ଆନ୍‌ରେ ହଜରତ ସୁଲେମାନ୍‌ଙ୍କର ଗୋଟି ଚିଠି ବିଷୟରେ ଉଲ୍ଲେଖ ରହିଛି ଯେ ସେ ମଧ୍ୟ ନିଜର ଚିଠି ବିସ୍‌ମିଲ୍ଲାଃ ରୁ ଆରମ୍ଭ କରିଥିଲେ । ଅତଃ ଏପରି ଉଲ୍ଲେଖ ରହିଛି **ଇନ୍ନହୁ ମିନ୍ ସୁଲେମାନା ୱ ଇନ୍ନହୁ ବିସ୍‌ମିଲ୍ଲାଃହିର୍ ରହ୍‌ମାନିର୍ ରହିମ୍** (ନମଲ୍:୩୧) ଅର୍ଥାତ:- ଏହି ପତ୍ର/ଚିଠି ସୁଲେମାନଙ୍କଠାରୁ ଆସିଅଛି: ଏଥିରେ ଲେଖାଅଛି ଯେ ଅଶେଷ ଦୟାବାନ୍ (ଓ) ସଦା କରୁଣାମୟ ଅଲ୍ଲାଃଙ୍କ ନାମ ନେଇ ଆରମ୍ଭ କରୁଅଛି; ହଜରତ ନୁହ୍ ଆ:ସଙ୍କ ଚର୍ଚ୍ଚା କରି ମଧ୍ୟ ପବିତ୍ର କୁର୍‌ଆନ୍‌ରେ ଉଲ୍ଲେଖ ରହିଛି ଯେ ସେ ଡ଼ଙ୍ଗାରେ ଚଢ଼ିବା ସମୟରେ ନିଜ ସାଥିମାନଙ୍କୁ କହିଥିଲେ ଯେ **ଇର୍‌କବୁ ଫିହା ବିସ୍‌ମିଲ୍ଲାହି ମଜ୍‌ରିହା ୱ ମୁର୍‌ସାହା (ହୁଦ୍:୪୨)** ***(ତଫ୍‌ସୀର୍ କବୀର୍ ଖଣ୍ଡ-୧, ପୃ-୧୪)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ତାକୁ ତା ଭାଇଠାରୁ ବି ନିକୃଷ୍ଟ କରିଦେବେ ଏବଂ ଯାହାର ଅପମାନ କରାଯାଇଅଛି ଦୀର୍ଘ ସମୟ ପାଇଁ ତା' ଅଙ୍ଗ ପ୍ରତ୍ୟଙ୍ଗ ଉପରେ ଏପରି କୃପା କରିବେ ଯେ ନା ତ ତାହା କମ୍ ହେବ ଓ ନା ବ୍ୟର୍ଥ ହେବ କାରଣ ସେ (ଈଶ୍ୱର) ଯାହା ଚାହିଁଥାନ୍ତି ତାହା କରିଥାନ୍ତି । ସେହିପରି, ଯିଏ ନିଜ ଶକ୍ତି ଉପରେ ନିର୍ଭର କରି ପ୍ରାର୍ଥନା କରିବା ପାଇଁ ଅବହେଳା କରିଥାଏ, ସେ ମଧ୍ୟ ଅହଙ୍କାରୀ କାରଣ ସେ ଶକ୍ତି ଓ ପ୍ରକୃତିର ଉତ୍ସକୁ ଚିହ୍ନି ପାରିଲାନାହିଁ ଓ ନିଜକୁ କିଛି ବୋଲି ଭାବି ନେଲା । ତେଣୁ ହେ ମୋର ପ୍ରୀୟଗଣ ? ତୁମେମାନେ ମୋର ଏହି ସମସ୍ତ କଥାକୁ ମନେରଖ । ଏପରି ନ ହେଉ କି ତୁମେ କୌଣସି ପାର୍ଶ୍ୱରୁ ଅହଙ୍କାରୀ ହୋଇଯାଇଥିବ ଓ ତୁମକୁ ଏ ବିଷୟ ଜଣା ହିଁ ନଥିବ । ଏପରି ଜଣେ ବ୍ୟକ୍ତି ଯିଏ ନିଜ ଭାଇର ଗୋଟିଏ ଭୂଲ ଶବ୍ଦକୁ ବି ଅହଙ୍କାର ପୂର୍ଣ୍ଣ ଶୈଳୀରେ ସଂଶୋଧନ କରୁଥାଏ, ସେ ମଧ୍ୟ ଗର୍ବ ଅହଙ୍କାରରୁ ଭାଗ ନେଲା । ଜଣେ ବ୍ୟକ୍ତି ଯିଏ ପ୍ରାର୍ଥନାକାରୀଙ୍କୁ ଥଟ୍ଟା ଓ ପରିହାସର ଦୃଷ୍ଟିରେ ଦେଖିଥାଏ ସେ ମଧ୍ୟ ଅହଙ୍କାରରେ ଭାଗ ନେଇଥାଏ ଏବଂ ଏପରି ବ୍ୟକ୍ତି ଯିଏ ଈଶ୍ୱରଙ୍କ ଦୂତ ଏବଂ ଈଶ୍ୱରଙ୍କ ଦ୍ୱାରା ନିୟୋଜିତ ହୋଇଥିବା ଭବିଷ୍ୟବକ୍ତାଙ୍କର ସମ୍ପୂର୍ଣ୍ଣ ରୂପେ ଆଜ୍ଞାବହତା ସ୍ୱୀକାର କରିବାକୁ ଚାହୁଁନାହିଁ, ସେ ମଧ୍ୟ ଅହଙ୍କାରରୁ ଭାଗ ନେଇଛି ଏବଂ ଏପରି ବ୍ୟକ୍ତି ଯିଏ ଈଶ୍ୱରଙ୍କ ଦୂତ ଓ ଭବିଷ୍ୟବକ୍ତାଙ୍କ କଥାକୁ ଧ୍ୟାନ ଦେଇ ଶୁଣୁନାହିଁ ଏବଂ ସେମାନଙ୍କ ଲେଖାଗୁଡ଼ିକୁ ନିରନ୍ତର ଧ୍ୟାନ ଦେଇ ପଢୁନାହିଁ, ସେ ମଧ୍ୟ ଅହଙ୍କାରରୁ ଭାଗ ନେଇଛି । ତେଣୁ ଚେଷ୍ଟା କର ଯେ ଅହଙ୍କାରର କିଛି ବି ଅଂଶ ତୁମମାନଙ୍କ ମଧ୍ୟରେ ନ ରହୁ ଫଳତଃ ତୁମର ବିନାଶ ହେବ ନାହିଁ ଏବଂ ଏତତ୍‌ଦ୍ୱାରା ତୁମେ ଓ ତୁମମାନଙ୍କ ପରିବାର ଉଦ୍ଧାର ପାଇଯିବ । ***(ନୁଜୁଲୁଲ୍ ମସିହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୮, ପୃ-୪୦୨)***

⌘⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ରଖିଛି ତା ପାଇଁ ଏହା ଉଚିତ ଯେ ସେ ବନ୍ଦୀ କରାଯାଇଥିବା କଏଦି ମହିଳାମାନଙ୍କ ସହିତ ସେ ପର୍ଯ୍ୟନ୍ତ ବୈବାହିକ ସମ୍ପର୍କ ସ୍ଥାପନ ନ କରୁ ଯେପର୍ଯ୍ୟନ୍ତ ତା'ର ସନ୍ତାନ ଜନ୍ମ ନ ହୋଇଯାଇଛି ଏବଂ ଯିଏ ଅଲ୍ଲାଃ ଓ ପରକାଳ ଉପରେ ବିଶ୍ୱାସ ରଖିଛି ତା ପାଇଁ ଏହା ଉଚିତ ନୁହେଁ ଯେ ସେ ମାଲେ ଗନିମତ୍ (ଯୁଦ୍ଧରେ ଜିଣାଯାଇଥିବା ଧନସମ୍ପତି)କୁ ବଂଟାଯିବା ପୂର୍ବରୁ ତାକୁ ବିକ୍ରି କରୁ ।

ଅତଏବ ମୂଳ କଥା ହେଉଛି ଏହା କି ଇସ୍‌ଲାମ୍ ମଣିଷକୁ ଲୌଣ୍ଡି(ଦାସି) ତଥା ଗୁଲାମ୍ (ଦାସ) ବନାଇବା ସପକ୍ଷରେ କଦାପି ନାହିଁ । ଇସ୍‌ଲାମ୍‌ର ପ୍ରାରମ୍ଭିକ ସମୟରେ ଏବଂ ସେ ସମୟର ବିଶେଷ ପରିସ୍ଥିତିରେ ଇସ୍‌ଲାମ୍ ବାଧ୍ୟ ହୋଇ ଏପରି କରିବାକୁ ଅନୁମତି ଦେଇଥିଲା । କିନ୍ତୁ ଇସ୍‌ଲାମ୍ ଓ ହଜରତ ମୁହମ୍ମଦ ସ:ଆ:ସ ବହୁତ ବୁଦ୍ଧିମତାର ସହିତ ସେମାନଙ୍କୁ (ଅର୍ଥାତ ଯୁଦ୍ଧରେ କଏଦୀ ହୋଇ ଆସିଥିବା ମହିଳାମାନଙ୍କୁ) ମୁକ୍ତ ଓ ସ୍ୱାଧିନ କରିବାପାଇଁ ପ୍ରୋତ୍ସାହିତ କରିଛନ୍ତି ଏବଂ ଯେ ପର୍ଯ୍ୟନ୍ତ ସେହି ମହିଳାମାନେ ନିଜେ ଚେଷ୍ଟା କରି ସ୍ୱାଧିନ ହୋଇଯାଉନଥିଲେ ବା ସେମାନଙ୍କୁ ସ୍ୱାଧିନ କରିଦିଆଯାଉନଥିଲା ସେ ପର୍ଯ୍ୟନ୍ତ ସେମାନଙ୍କ ସହିତ ଅତ୍ୟନ୍ତ ଉତମ ବ୍ୟବହାର କରିବାପାଇଁ ଇସ୍‌ଲାମ୍ ତାଗିଦ୍ କରିଛି ।

ଏବଂ ଯେତେବେଳେ ଏହିଭଳି ବିଶେଷ ପରିସ୍ଥିତି ଶେଷ ହୋଇଗଲା ଏବଂ ନୂଆ ନୀତି ପ୍ରଣୟନ କରାଗଲା ସେତେବେଳେ ପୂର୍ବରୁ ଚାଲି ଆସିଥିବା ଦାସ ଏବଂ ଦାସିମାନଙ୍କୁ ବିବାହ କରିବାର ପ୍ରଥା ମଧ୍ୟ ଶେଷ ହୋଇଗଲା ଏବଂ ଦାସଦାସୀମାନଙ୍କୁ କ୍ରୀତଦାସ କରିବାର ପ୍ରଥା ମଧ୍ୟ ଶେଷ ହୋଇଗଲା । ଏବେ ଇସ୍‌ଲାମୀୟ ଶରିୟତ ମୁତାବକ କ୍ରୀତଦାସ ଓ କ୍ରୀତଦାସୀ ରଖିବାର ପ୍ରଥା ସମ୍ପୂର୍ଣ୍ଣ ରୂପେ ଅବୈଧ ବରଂ ଏପରି ଯିଏ କରିବ ତାକୁ ଦଣ୍ଡ ଦିଆଯାଇଥାଏ ହଜରତ ମସିହ ମଉଦ ଆ:ସ ବର୍ତମାନ ପରିସ୍ଥିତିରେ ଏଭଳି ପ୍ରଥାକୁ ଅକ୍ତିଆର କରିବାପାଇଁ ହରାମ୍ (ଅବୈଧ) ଅଭିହିତ କରିଛନ୍ତି ।

**ପ୍ରଶ୍ନ:-** ଜଣେ ମହିଳା ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଲେଖି ଜଣାଇଲେ ଯେ, ଯେତେବେଳେ ଆମେ ଏକଥା କହିଥାଉ ଯେ, ଜଣକୁ କାହାର ନଜର ଲାଗିଗଲା ବା ଜଣେ କୌଣସି ଅତ୍ୟାଚାରୀ ବ୍ୟକ୍ତିଙ୍କ ଅଭିଶାପ ଦ୍ୱାରା ଅସୁବିଧାରେ ପଡ଼ିଗଲା ବୋଲି ତେବେ କ'ଣ ଏହିଭଳ ଭାବନା ରଖିବା ଶିର୍କ ନୁହେଁ ? ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୭ ମାର୍ଚ୍ଚ ୨୦୧୮ ମସିହାରେ ଏହି ପ୍ରଶ୍ନର ନିମ୍ନଲିଖିତ ଉତର ଦେଲେ ।

**ଉତର:-** ନଜର ଲାଗିବା ତଥା ଅତ୍ୟାଚାରିର ଅଭିଷାପ ପ୍ରଭାବ ପକାଇବାର ଶିର୍କ ସହିତ କୌଣସି ସମ୍ପର୍କ ନାହିଁ କାରଣ ଏହି ଦୁଇଟି ପ୍ରସଙ୍ଗରେ ଫଳାଫଳ ସ୍ୱୟମ ଈଶ୍ୱର ହିଁ ଦେଇଥାନ୍ତି ନା କି ସେମାନେ । ନଜର ଲଗାଇଥିବା ଲୋକ ତରଫରୁ ତ' ଗୋଟିଏ କେବଳ ଇଚ୍ଛା ଓ ଅଭିଳାଷାର ପ୍ରକାଶ ହୋଇଥାଏ ବା ଅତ୍ୟାଚାରିତ ବ୍ୟକ୍ତିଙ୍କ କଷ୍ଟରୁ ଗୋଟିଏ ଆହାଃ ! ଉଠିଥାଏ ଯାହାକୁ ଅଲ୍ଲାଃ ଗ୍ରହଣ କରି ତା'ର ଫଳାଫଳ ବାହାର କରିଥାଏ । ତେଣୁ ଉଭୟର ସମ୍ପର୍କ ଶିର୍କ ସହିତ ନାହିଁ ଓ ବିଶେଷ ରୂପେ ଯେବେ କି ଏହି ଦୁଇଟି କଥା ନବୀ କରିମ୍ ସ:ଆ:ସଙ୍କ ହଦିସ୍‌ରୁ ପ୍ରମାଣିତ । ଅତଏବ ହଦିସ୍‌ରୁ ଆସିଛି ଯେ, ହଜୁର ସ:ଆ:ସ ଏ୍ ଉପଦେଶ ଦେଇଛନ୍ତି ଯେ, ଅତ୍ୟାଚାରିତ ବ୍ୟକ୍ତିଙ୍କ ଅଭିଷାପକୁ ଭୟ କର କାରଣ ତାହାର ଅଭିଷାପ ଓ ଅଲ୍ଲାଃ ତାଲାଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ରହିନଥାଏ । ପୁଣି ହଜୁର ସ:ଆ:ସ କହିଛନ୍ତି ନଜର ଲାଗିବା ସତ୍ୟ ଅଟେ । ତତ୍‌ସହିତ ଏହା ମଧ୍ୟ କହିଛନ୍ତି ଯେ, ଶରିରର ଖୋଦାଇ କରିବା ମନ ।

**ପ୍ରଶ୍ନ:-** ଆଉ ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ନିକଟକୁ ଜାଣିବାକୁ ଚାହିଁଲେ ଯେ, ଜଣେ ଅହେମଦୀ ମୁସଲମାନ ମହିଳାଙ୍କ ପାଇଁ ନିଜର ଗୋଡ଼କୁ ଅନାବରଣ କରି ବାହାରେ ରଖିବା କ'ଣ ଉଚିତ ? ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ୩ ମଇ ୨୦୧୮ ରେ ଏହି ପ୍ରଶ୍ନର ଉତର ନିମ୍ନଲିଖିତ ପ୍ରଦାନ କରିଥିଲେ ।

**ଉତର:-** ପବିତ୍ର କୁର୍‌ଆନ୍‌ରେ ଯେଉଁଠି ପରଦା କରିବାର ନିର୍ଦ୍ଦେଶ ଦିଆଯାଇଅଛି ସେଠାରେ ପ୍ରଥମେ ମୋମିନ୍ ପୁରୁଷମାନଙ୍କୁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେ ତାଙ୍କର ଆଖିଗୁଡ଼ିକୁ ତଳକୁ କରି ରଖନ୍ତୁ ତା'ପରେ ପୁଣି ମହିଳାମାନଙ୍କୁ ପରଦା କରିବାପାଇଁ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ସର୍ବପ୍ରଥମେ ମୋମିନ୍ ମହିଳାମାନେ ମଧ୍ୟ ନିଜ ନିଜର ଆଖିକୁ ତଳକୁ କରି ଚାହାନ୍ତୁ ପୁଣି ଦ୍ୱିତୀୟ ନିର୍ଦ୍ଦେଶ ଦିଆଯାଇଛି ଯେ, ନିଜର ବକ୍ଷ ଉପରେ ଚାଦର କିମ୍ୱା ଓଢ଼ଣୀ ପକାଇ ତାହାକୁ ଢ଼ାଙ୍କି ଦିଅନ୍ତୁ ଓ ନିଜର ସୌନ୍ଦର୍ଯ୍ୟକୁ ବାହାରେ ପ୍ରକାଶ ନ କରନ୍ତୁ । ପୁଣି କୁହାଯାଇଛି ଯେ ନିଜ ପାଦକୁ ଭୂଇଁ ଉପରେ ଏମିତି ରଖନ୍ତୁ ନାହିଁ ଯେ, ଯଦ୍ୱାରା ତାହା ପ୍ରକାଶ ହୋଇଯିବ । ମହିଳାମାନେ ସାଧାରଣତଃ ଏହିଭଳି ନିଜର ସୌନ୍ଦର୍ଯ୍ୟକୁ ଲୁଚାଇ ରଖିଥାନ୍ତି ।

ଗୋଡ଼କୁ ଭୂଇଁରେ ନ କଚାଡ଼ିବାର ଗୋଟିଏ ଅର୍ଥ ଏହି କି ଯେ, ଯଦି ଗୋଡ଼ରେ କୌଣସି ଅଳଙ୍କାର (ପାଉଁଜି ଇତ୍ୟାଦି) ପିନ୍ଧିଥିବେ ତେବେ ତାହାର ଶବ୍ଦ ଦ୍ୱାରା ପର ପୁରୁଷଙ୍କର ଧ୍ୟାନ ସେହି ମହିଳାଙ୍କ ପ୍ରତି ଆକର୍ଷିତ ହୋଇପାରେ ସେଥିପାଇଁ ସେଥିରୁ ନିବୃତ ରହିବା ଉଚିତ ।

ସେହିଭଳି ଯଦି ଗୋଡ଼ରେ ବା ପାଦରେ ମେହେନ୍ଦୀ ବା ନେଲ୍‌ପଲିସ୍ ଇତ୍ୟାଦି ଲଗାଯାଇ ପାଦକୁ ଶୃଙ୍ଗାର କରାଯାଏ ତା'ହେଲେ ଏହିଭଳି ପାଦ ଦୃଶ୍ୟମାନ ହେବା ଯୋଗୁଁ ପରପୁରୁଷମାନଙ୍କୁ ତାହା ଆକର୍ଷିତ କରିବାର କାରଣ ହୋଇପାରେ । ତେଣୁ ଏମିତି ହେବା ଦ୍ୱାରା ଅନ୍ୟମାନଙ୍କର ଦୃଷ୍ଟି ଏହିପରି ମହିଳାମାନଙ୍କ ଉପରକୁ ଉଠିବ ଯଦ୍ୱାରା ପରଦା କରିବାର ଯେଉଁ ନିର୍ଦ୍ଦେଶ ରହିଛି ତାହାର ଖିଲାପ ହେବ । କିନ୍ତୁ ପାଦରେ ଯଦି କୌଣସି ପ୍ରକାରର ଆଭୁଷଣ ଓ ଶୃଙ୍ଗାର କରାନଯାଏ ଏହିଭଳି ପାଦ ଯେହେତୁ କୌଣସି ଆକର୍ଷଣ ସୃଷ୍ଟି କରିନଥାଏ ତେଣୁ ତାହା ଯଦି ବାହାରକୁ ଦେଖାଦିଏ ସେଥିରେ ବେପରଦା ହେବାର ପ୍ରଶ୍ନ ହିଁ ଉଠୁନାହିଁ । ତେଣୁ ଯଦି ଏହିଭଳି ପାଦକୁ ଖୋଲା ମଧ୍ୟ ରଖିଦିଆଯାଏ ସେଥିରେ କୌଣସି ଅସୁବିଧା ନାହିଁ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ଯେବେଠାରୁ ଏ ଦୁନିଆର ଇତିହାସ ଲିପିବଦ୍ଧ ହେଲାଣି ସେବେଠାରୁ ଏ ପର୍ଯ୍ୟନ୍ତ ଫାରୁକେ ଆଜମ୍ (ହଜରତ ଉମର ର:ଅ)ଙ୍କ ପରି କୌଣସି ବିଜୟୀ ଓ ରାଜ୍ୟ ଜୟକାରୀ ହୋଇନାହାନ୍ତି ଯିଏ ବିଜୟ ଓ ନ୍ୟାୟ ଉଭୟର ସମାହାର ହୋଇଥିବ ଅର୍ଥାତ ତାଙ୍କୁ ବିଜୟ ବି ମିଳିଥିବ ଓ ସେ ନ୍ୟାୟ ପ୍ରତିଷ୍ଠା କରିଥିବେ ।**

**ହଜ୍‌ରତ୍ ମୁହମ୍ମଦ ସଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମ୍‌ଙ୍କ ମହାନ ଖଲିଫା ରାଶିଦ୍ ଫାରୁକେ ଆଜମ୍ ହଜରତ ଉମର୍ ବିନ୍ ଖତାବ୍ ର:ଅଙ୍କ ଗୁଣ ଗାରିମାର ଚର୍ଚ୍ଚା ।**

**ହଜରତ ଉମର ର:ଅଙ୍କ ଖିଲାଫତ୍ କାଳରେ ଘଟିଥିବା ମହାନ୍ ବିଜୟର କାରଣ ।**

**ହଜରତମ ଉମର ର:ଅଙ୍କ ଶହୀଦ ହେବା ବିଷୟରେ ବିସ୍ତୃତ ବିବରଣୀ**

**ଦୁଇଜଣ ମର୍‌ହୁମୀନ୍ (ମୃତକ) ମୋକରମ କମ୍‌ରୁଦ୍ଦିନ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲା ଇଣ୍ଡୋନେସିଆ ଏବଂ ମୋକରମା ସବିହା ହାରୁନ୍ ସାହିବା ପତ୍ନୀ ଶ୍ରୀମାନ୍ ସୁଲ୍‌ତାନ୍ ହାରୁନ୍ ଖାନ୍ ସାହେବ୍ ମର୍‌ହୁମ୍‌ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୦୮ ଅକ୍ଟୋବର ୨୦୨୧ ଅନୁଯାୟୀ ୦୮ ଇଖା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ଇସ୍‌ଲାମୀୟ ସେନା ବିଜୟ ସୋପାନ ଚଢ଼ି ଚାଲିଥିଲା । ହଜରତ ଉମର୍ ର:ଅଙ୍କ ଜୀବନୀ ଲେଖିଥିବା ଜଣେ ଜୀବନୀ ଲେଖକ ଅଲାମାଃ ଶିବ୍‌ଲି ନୁମାନି ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ କ୍ରମାଗତ ବିଜୟ ଓ ତାହାର କାରଣ ଚର୍ଚ୍ଚା କରି ଉଲ୍ଲେଖ କରିଛନ୍ତି ଯେ ଜଣେ ଐତିହାସିକଙ୍କ ମନରେ ସହସା ଏହି ପ୍ରଶ୍ନ ଜାତ ହୋଇପାରେ କି କିପରି କିଛି ମାତ୍ର ମରୁଭୂମି ବାସିନ୍ଦା ପାରସ୍ୟ ଓ ରୋମୀମାନଙ୍କ ସିହାଂସନକୁ ପଲଟାଇ ଦେଲେ ?

କ'ଣ ଏହା ବିଶ୍ୱ ଇତିହାସର ଏକ ବ୍ୟତିକ୍ରମ ଭିନ୍ନ ଘଟଣା ଥିଲା ? ଏହାର କାରଣ କ'ଣ ? ସେହି ବିଜୟଗୁଡ଼ିକୁ ସିକନ୍ଦର ଓ ଚେଙ୍ଗିଜ୍‌ଖାନ୍ ଲାଭ କରିଥିବା ବା ଜୟ କରିଥିବା ଦେଶଗୁଡ଼ିକ ସହିତ ତୁଳନା କରାଯାଇପାରିବ ? ଯାହା କିଛି ହେଲା ସେଥିରେ ଖିଲାଫତର ଦଖଲ କେତେ ପରିମାଣର ରହିଥିଲା ଅର୍ଥାତ ଏହି ବିଜୟରେ ହଜ୍‌ରତ୍ ଉମର୍ ର:ଅଙ୍କର ଦଖଲ କେତେ ଅଂଶ ରହିଥିଲା ? ଏହି ଅବସରରେ ଆମକୁ ଏହିସବୁ ପ୍ରଶ୍ନର ଉତର ଦେବା ଉଚିତ କିନ୍ତୁ ପରୋକ୍ଷରେ ଏକଥା ସ୍ପଷ୍ଟ କରିଦେବା ଉଚିତ ଯେ ହଜରତ ଉମର ର:ଅଙ୍କ ଖିଲାଫତ୍ ସମୟରେ ଯେଉଁ ଇଲାକା ସବୁ ଜୟ କରାଯାଇଥିଲା ତାହାର ବ୍ୟାପକତା ଓ କ୍ଷେତ୍ରଫଳ କଣ ହଜ୍‌ରତ୍ ଉମର୍ ର:ଅ ବିଶେଷ ରୂପେ ଜୟ କରିଥିବା ଦେଶର ସମୁଦାୟ କ୍ଷେତ୍ରଫଳ ୨୨ ଲକ୍ଷ ୫୧ ହଜାର ୩୦ ବର୍ଗ ମାଇଲ ଥିଲା ଅର୍ଥାତ ପବିତ୍ର ମକ୍କାଠାରୁ ଉତର ଦିଗକୁ ଏକ ହଜାର ଛତିସ୍ ମାଇଲ୍, ପୂର୍ବ ଦିଗକୁ ଏକ ହଜାର ସତାଅଶୀ ମାଇଲ୍ ଏବଂ ଦକ୍ଷିଣ ଦିଗକୁ ଚାରିଶହ ତେୟାଅଶୀ ମାଇଲ୍ ଥିଲା ଏହି ସମସ୍ତ ଇଲାକା ବିଶେଷ ଭାବରେ ହଜରତ ଉମର ର:ଅଙ୍କ ସମୟରେ ବିଜୟ ହୋଇଥିଲା । ଏହାର ସମୟ ଦଶ ବର୍ଷର କିଛି ଅଧିକ ହେବ । ସେହି ଅଧିକୃତ ଅଂଚଳ ପ୍ରସଙ୍ଗରେ ୟୁରୋପିୟନ୍ ଐତିହାସିକମାନଙ୍କର ରାୟ ଏହି କି ଯେ, ସେତେବେଳେ ପାରସ୍ୟ ଓ ରୋମ୍ ଉଭୟ ସାମ୍ରାଜ୍ୟ ଶିଖରରେ ପହଂଚି ପୁଣି ଅବନତିର ମାର୍ଗରେ ପହଂଚି ସାରିଥିଲା ଅର୍ଥାତ ସେମାନେ ଯାହା ବିକାଶ କରିବାର କଥା ତାହା କରିସାରିଥିଲେ, ତେଣୁ ପ୍ରକୃତିର ନିୟମାନୁସାରେ ପୁଣି ସେମାନଙ୍କୁ ତଳକୁ ଖସିବାର ଥିଲା । ପୁଣି ସେମାନେ କୁହନ୍ତି ଯେ ପାରସ୍ୟରେ ଖୁସ୍‌ରୁ ପର୍‌ୱେଜ୍‌ଙ୍କ ପରେ ଫାର୍ସୀର ପ୍ରଶାସନିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଧୂଳିସାତ ହୋଇଯାଇଥିଲା । ସେମାନଙ୍କର ବୈଭବ୍ୟରେ ଅବନତୀ ଘଟିଥିଲା କାରଣ ଏପରି କୌଣସି ଦକ୍ଷ ବ୍ୟକ୍ତି ନଥିଲେ ଯିଏ ଶାସନ ଭାର ତୁଲାଇ ପାରିଥାନ୍ତା ଅର୍ଥାତ ସେପରି କେହି ସେମାନଙ୍କ ଗହଣରେ ନଥିଲେ । ଦରବାରରେ ବିଦ୍ରୋହୀ ଓ ବିଶୃଙ୍ଖଳିତ ଲୋକମାନଙ୍କର ସଂଖ୍ୟା ବଢ଼ିଯାଇଥିଲା ଯେଉଁମାନେ ବିଭିନ୍ନ ପ୍ରକାର ଷଡ଼ଯନ୍ତ୍ର ଆରମ୍ଭ କରିଦେଇଥିଲେ । ସେହି ସବୁ ବିଦ୍ରୋହ ଯୋଗୁଁ ଶାସକମାନେ ଜଣକ ପରେ ଜଣେ ଅଦଳ ବଦଳ ହୋଇ ଚାଲିଥିଲେ । କେହି ଜଣେ ହେଲେ ତିଷ୍ଠି ରହିପାରୁନଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଶାସନ କରିପାରୁନଥିଲେ ଅତଏବ ତିନି ଚାରି ବର୍ଷରେ ଛଅ ସାତଜଣ ପ୍ରଶାସକ ସେମାନଙ୍କର ସମ୍ରାଟ ହୋଇଥିଲେ ଓ ଶେଷ ହୋଇଗଲେ । ଏହାର କାରଣ ୟୁରୋପିଅନ୍ ଐତିହାସ୍‌ବିତମାନେ କୁହନ୍ତି; ନୌଶେରୱାଁର କିଛି ପୂର୍ବରୁ ମୁଜ୍‌ଦକିୟା ସମ୍ପ୍ରଦାୟର ବେଶ୍ ପରାକାଷ୍ଠା ରହିଥିଲା ଯିଏ ଅଧର୍ମ ଓ ନାସ୍ତିକତା ପ୍ରତି ଆଗ୍ର ରଖୁଥିଲା । ଏହି ଫିର୍କାର ବିଶ୍ୱାସ ଏହା ଥିଲା ଯେ ଲୋକମାନଙ୍କ ମନରୁ ଲୋଭ ଓ ଅନ୍ୟାନ୍ୟ ମତଭେଦକୁ ଦୂର କରିଦିଆଯାଉ ଏବଂ ମହିଳାମାନଙ୍କ ସମେତ ସମଗ୍ର ଦେଶକୁ ସାମୁହିକ ସମ୍ପତି ମଣାଯାଉଥିଲା ଅର୍ଥାତ ମହିଳାମାନଙ୍କର କୌଣସି ସମ୍ମାନ ନଥିଲା । ସେମାନଙ୍କର ଏ ଦୃଷ୍ଟିକୋଣ ଥିଲା ଓ କିଛି ଲୋକଙ୍କ ମତରେ ଏହା ଏକ ସାମାଜିକ ଆନ୍ଦୋଳନ ଥିଲା ଯାହାର ଉଦ୍ଦେଶ୍ୟ ଜର୍ତସ ଧର୍ମକୁ ପବିତ୍ର କରିବା ଥିଲା । ଯଦିଚ ନୌଶେରୱାଁ ଉକ୍ତ ଧର୍ମକୁ ଖଣ୍ଡା ବଳରେ ଦବେଇ ଦେଇଥିଲା ଓ ମୁଣ୍ଡ ଟେକିବାକୁ ଦେଉନଥିଲା କିନ୍ତୁ ତାହାର ମୂଳୋତ୍ପାଟନ କରିପାରିନଥିଲା । ଇସ୍‌ଲାମ୍ ଯେତେବେଳେ ପାରସ୍ୟରେ ପହଂଚିଲା ସେହି ଗୋଷ୍ଠୀର ଲୋକେ ମୁସଲମାନମାନଙ୍କୁ ନିଜର ରକ୍ଷକ ମଣିଥିଲେ କାରଣ ସେମାନେ କୌଣସି ଧର୍ମ ଓ ବିଶ୍ୱାସ ସହିତ ବିବାଦ କରୁନଥିଲେ ।

ପୁଣି ସେମାନେ ଲେଖିଛନ୍ତି ଯେ ଇସାଇମାନଙ୍କର ନସ୍ତୁରୀ ଫିର୍କା (Nestorian), ଯେଉଁମାନଙ୍କୁ ଅନ୍ୟ କୌଣସି ଦେଶରେ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ମିଳୁନଥିଲା ସେମାନେ ଇସ୍‌ଲାମ୍‌ର ଛତ୍ରଛାୟା ତଳେ ଆସି ଶରଣ ନେଲେ ଓ ଅତ୍ୟାଚାରରୁ ବଂଚିଗଲେ । ଯେହେତୁ ମୁସଲମାନମାନେ ନିଜ ଧାର୍ମିକ ବିଶ୍ୱାସରୁ ବିମୁଖତା ପ୍ରଦର୍ଶନ କରୁନଥିଲେ ତେଣୁ ଦୀର୍ଘ କାଳରୁ କଷଣ ଭୋଗ କରି ଆସୁଥିଲେ । ଏହି ଉଭୟ ଦଳ ଇସ୍‌ଲାମ୍‌ର ଛତ୍ରଛାୟା ତଳେ ଆସି ବିରୋଧିମାନଙ୍କ ଅନ୍ୟାୟ ଅତ୍ୟାଚାରରୁ ରକ୍ଷା ପାଇଗଲେ । ମୁସଲମାନମାନଙ୍କ ଆକ୍ରମଣ ପୂର୍ବରୁ ଖୁସ୍‌ରୁ ପର୍‌ବେଜ୍ ସମୟରେ ଇରାନୀମାନଙ୍କ ଯେଉଁଭଳି ଗୌରବ ଓ ଭବ୍ୟତା ଶୀର୍ଷରେ ବିଦ୍ୟମାନ ରହିଥିଲା ତାହାର ସମତୁଲ୍ୟ କେହି ନଥିଲେ । ଅର୍ଥାତ ଖୁସ୍‌ରୁ ପର୍‌ବେସ୍ ପରି ଆଉ କେହି ତା ପରବର୍ତୀ ସମୟରେ ହୋଇନଥିଲେ । ତାଙ୍କ ସ୍ତରେ ପହଂଚି ପାରିନଥିଲେ । କୈସର ରୋମ ଅର୍ଥାତ ରୋମ୍‌ର ସମ୍ରାଟ ଇରାନ ଉପରେ ଆକ୍ରମଣ କଲା ଏବଂ ପ୍ରତ୍ୟେକ ପାଦେ ପାଦେ ଜୟ ଲାଭ କରିଚାଲିଥିଲା ଏପରି କି ଅସ୍‌ଫହାନ୍ ପର୍ଯ୍ୟନ୍ତ ପହଂଚି ଯାଇଥିଲା । ସିରିୟାର ଯେଉଁ ରାଜ୍ୟଗୁଡ଼ିକୁ ଇରାନୀମାନେ ଛଡ଼େଇ ନେଇଥିଲେ ସେ ତାହା ଅର୍ଥାତ ଖୁସ୍‌ରୁ ପରବେଜ୍ ତାହାକୁ ବିଜୟ କରିନେଇଥିଲା ଏବଂ ନୂତନ ରୂପେ ବ୍ୟବସ୍ଥା ପ୍ରଣୟନ କରିଥିଲା ସେଠାରେ । ଖୁସ୍‌ରୁ ପର୍‌ୱେଜ୍‌ର ସମୟ ପର୍ଯ୍ୟନ୍ତ ଇରାନୀ ସାମ୍ରାଜ୍ୟ ନିଜ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିଥିଲେ କିନ୍ତୁ ତାହାର ଦେହାନ୍ତ ଓ ଇସ୍‌ଲାମୀୟ ସେନାର ଆକ୍ରମଣ ପର୍ଯ୍ୟନ୍ତ କେବଳ ତିନି ଚାରି ବର୍ଷର ସମୟକାଳ ବ୍ୟବଧାନ ରହିଥିଲା ଏତେ କମ୍ ସମୟ ମଧ୍ୟରେ ଏପରି ସୁଦୃଢ଼ ଜାତି ଓ ପ୍ରାଚୀନ ସାମ୍ରାଜ୍ୟ କେତେ ଦୁର୍ବଳ ହୋଇପାରିଥାନ୍ତା ? ଯେତେବେଳେ ୟଜଦ୍‌ଜର୍ଦର ରାଜ୍ୟ ଅଭିଷେକ ହେଲା ବା ରାଜା ହେଲା ଏବଂ ଦରବାରୀମାନେ ସୁଧାର ପ୍ରତି ଧ୍ୟାନ କେନ୍ଦ୍ରିତ କଲେ ସେତେବେଳେ ନୂତନ ରୂପେ

ସବୁକିଛି ପ୍ରଣୟନ କରାଗଲା । ମୁଜ୍‌ଦକିୟା ଫିର୍କା ଯଦିଚ ଇରାନୀଙ୍କ ମଧ୍ୟରେ ଉପସ୍ଥିତ ଥିଲା କିନ୍ତୁ ଇତିହାସରୁ କୌଣସି ପ୍ରମାଣ ମିଳୁନାହିଁ ଯେ, ସେ କୌଣସି ପ୍ରକାର ସାହାଯ୍ୟ କରିଥିବେ । ଅର୍ଥାତ ସେମାନଙ୍କଠାରୁ ମୁସଲମାନମାନଙ୍କୁ କୌଣସି ସାହାଯ୍ୟ ମିଳିଥିବ । ଏହିପରି ନସ୍ତୁରି ଗୋଷ୍ଠୀ ମଧ୍ୟ କୌଣସି ସାହାଯ୍ୟ କରିନଥିଲେ । ନସ୍ତୁରି ଏକ ଖ୍ରୀଷ୍ଟଧର୍ମାଲମ୍ବୀ ଗୋଷ୍ଠୀ ଯିଏ ବିଶ୍ୱାସ ରଖନ୍ତି ଯେ, ହଜରତ ଈଶା ମସିହ ଉଭୟ ପରମେଶ୍ୱର ଓ ମାନବ ଅଟନ୍ତି । ସେଥିରେ ସେମାନେ କୌଣସି ପାର୍ଥକ୍ୟ ରଖୁନଥିଲେ ଅର୍ଥାତ ଈଶା ଆ:ସଙ୍କ ପରମେଶ୍ୱର ଓ ମଣିଷ ମାନବ ହେବା ମଧ୍ୟରେ କୌଣସି ପାର୍ଥକ୍ୟ ନଥିଲା ତାଙ୍କ ଆସ୍ଥା ଅନୁଯାୟୀ ଯାହାକି ୟୁରୋପିଅନ୍ ଐତିହାସିକମାନେ ଦର୍ଶାଇନାହାନ୍ତି ।

ବର୍ତମାନ ଆରବର ଅବସ୍ଥା ଦେଖ ସମସ୍ତ ସେନା ଯେ, ମିଶ. ଇରାନ୍ ଓ ରୋମ୍‌ମାନଙ୍କ ସହିତ ଯୁଦ୍ଧରେ ବ୍ୟସ୍ତ ଥିଲା, ସେମାନଙ୍କର ସମୁଦାୟ ସଂଖ୍ୟା ମୋଟ ଏକଲକ୍ଷ ମଧ୍ୟ ନଥିଲା । ଅର୍ଥାତ ମୁସଲମାନ ସୈନିକମାନେ ଯେଉଁ ଯେଉଁ ସ୍ଥଳେ ମୃତୟନ ଥିଲେ ସେ ସମୁଦାୟ ସୈନିକମାନଙ୍କୁ ଯଦି ଗଣନା କରାଯାଏ ତେବେ ସେମାନଙ୍କର ସଂଖ୍ୟା ଏକଲକ୍ଷରୁ ମଧ୍ୟ ଉର୍ଦ୍ଧ ନଥିଲା । ସେନାର ଯୁଦ୍ଧ ପ୍ରବିଣତା ଏପରି ନଥିଲା ଯେ., ୟରମୁକ୍ ଯୁଦ୍ଧରେ ପ୍ରଥମ ଥର ସେନାଧକ୍ଷ ସୈନିକଙ୍କ ମଧ୍ୟରେ ସାମିଲ ରହିଥାନ୍ତି । ସେହିପରି ମୁସଲମାନମାନଙ୍କ ନିକଟରେ ଯାହା କିଛି ଯୁଦ୍ଧ ସରଞ୍ଜାମ ଓ ଅସ୍ତ୍ରଶସ୍ତ୍ର ଥିଲା ଯଥା ଖୁଦ୍, ସାଞ୍ଜୁ ଇତ୍ୟାଦି ଯୁଦ୍ଧ ସରଞ୍ଜାମ, କବଚ ଆଦି ତାହା ସବୁ ଚମଡ଼ାର ରହିଥିଲା କିନ୍ତୁ ଅପରପକ୍ଷେ ଶତ୍ରୁର ସମସ୍ତ ସାମଗ୍ରୀ ଲୌହରେ ନିର୍ମିତ ଥିଲା । ରିକାବ୍ ଅର୍ଥାତ ବାହନ ଉପରେ ଯେଉଁ ବସିବାର ଆସନ ରଖାଯାଏ ତାହା ମଧ୍ୟ ଚମଡ଼ାର ରହିଥିଲା ଯେତେବେଳେ କି ଶତ୍ରୁର ସମସ୍ତ ଯୁଦ୍ଧ ସରଞ୍ଜାମ ଲୌହରେ ନିର୍ମିତ ରହିଥିଲା । ଯୁଦ୍ଧ ଅସ୍ତ୍ର ମଧ୍ୟରେ ଗୁର୍ଜ ଏବଂ କମନ୍ଦ ବିଷୟରେ ଆରବୀୟମାନେ କିଛି ବି ଜାଣିନଥିଲେ । ଆରବୀୟମାନଙ୍କ ନିକଟରେ ତୀର ଥିଲା ଓ ତାହା ଛୋଟ ଆକାରର ଥିଲା । ସେ ଯାହା ହେଉ ଅଲାମା ସାହେବ୍ ଏହାର ଅସଲ କାରଣ ଏହା ବର୍ଣ୍ଣନା କରୁଛନ୍ତି ଯେ ମୁସଲମାନମାନେ ସେ ସମୟରେ ପୈଗମ୍ବର ସ:ଆ:ସଙ୍କ ପାଇଁ ଉତ୍ସାହିତ ଥିଲେ ତେଣୁ ସେମାନଙ୍କ ମଧ୍ୟରେ ନିଷ୍ଠା, ସଂକଳ୍ପ ଓ ସାହାସ ସୃଷ୍ଟି ହୋଇଯାଇଥିଲା ।

ରୋମୀ ସାମ୍ରାଜ୍ୟ ପ୍ରସଙ୍ଗରେ ୟୁରୋପିଅନ୍ ଇତିହାସବିତ୍ ମାନଙ୍କର ମତ ରହିଛି ଯେ ଖ୍ରୀଷ୍ଟଧର୍ମୀମାନଙ୍କ ପାରସ୍ପରିକ ମତଭେଦ ସେତେବେଳେ ଶୀର୍ଷ ରେ ପହଂଚିଯାଇଥିଲା ପ୍ରଶାସକ ଦୁର୍ବଳ ହୋଇଯାଇଥିଲେ । ଅଲାମା ସିବ୍‌ଲି ନୁମାନୀ ଏହାର ଖଣ୍ଡନ କରି କୁହନ୍ତି; ନିଃସନ୍ଦେହ ସେତେବେଳେ ଫରାସୀ ଓ ରୋମ୍‌ର ସାମ୍ରାଜ୍ୟ ଉଚ୍ଚ ଆସନରେ ଅଧିଷ୍ଠିତ ଥିଲେ କିନ୍ତୁ ଏତେ ଦୁର୍ବଳ ମଧ୍ୟ ନଥିଲେ ଯେ, ଆରବ ପରି ଅସ୍ତ୍ରଶସ୍ତ୍ର ବିହୀନ ଗୋଷ୍ଠୀ ସହିତ ମୁହାଁମୁହିଁ ହୋଇ ଭାଗ ଭାଗ ହୋଇଯାଇଥାନ୍ତେ ବା ପରାଜିତ ହୋଇ ପଳାୟନ କରିଯାଇଥାନ୍ତେ ଏତେମାତ୍ରାରେ ସେମାନେ ଦୁର୍ବଳ ନଥିଲେ । ଫରାସୀ ଓ ରୋମ୍‌ର ଅଧିବାସୀ ଯୁଦ୍ଧ ପ୍ରବୀଣ ଜାତି ଥିଲେ, ବିଭିନ୍ନ ପ୍ରକାର ଯୁଦ୍ଧ ସରଞ୍ଜାମ ତଥା ଅସ୍ତ୍ରଶସ୍ତ୍ର ସେମାନଙ୍କ ନିକଟରେ ପ୍ରଯ୍ୟାପ୍ତ ମାତ୍ରାରେ ରହିଥିଲା । ନିଜ ଦୁର୍ଗ ଓ ମୋର୍ଚ୍ଚାରେ ରହି ଦେଶର ସୁରକ୍ଷା କରିବା ଜନସାଧାରଣଙ୍କୁ ସୁରକ୍ଷିତ ରଖିବା ସେମାନଙ୍କୁ ସୁରକ୍ଷ ପ୍ରଦାନ କରିବା ତାଙ୍କୁ ବେଶ୍ ଭଲ ଭାବରେ ଜଣାଥିଲା । ଯେଉଁ ଦେଶ ମୁସଲମାନମାନଙ୍କ ହାତମୁଠାକୁ ଚାଲି ଆସୁଥିଲା ସେଠାକାର ବାସିନ୍ଦା ସତ୍ୟନିଷ୍ଠ ମୁସଲମାନମାନଙ୍କର ବ୍ୟବହାରରେ ଏପରି ବିମୋହିତ ହୋଇଯାଉଥିଲେ ଯେ ଭିନ୍ନ ଧର୍ମାଲମ୍ବୀ ହେବା ସତ୍ୱେ ମଧ୍ୟ ପ୍ରଶାସନର ଅନିଷ୍ଟ ଅବା ଅମଙ୍ଗଳ ଚିନ୍ତା ହିଁ କରିପାରୁନଥିଲେ । ୟରମୁକ ଯୁଦ୍ଧ ପୂର୍ବରୁ ଯେତେବେଳେ ମୁସଲମାନ ସେନା ସିରିୟା ଦେଶ ଛାଡ଼ି ଚାଲିବାକୁ ବାହାରିଲା ସେତେବେଳେ ସମସ୍ତ ଖ୍ରୀଷ୍ଟଧର୍ମାଲମ୍ବୀ ଲୋକମାନେ ଘରୁ ବାହାରି ଆସିଲେ ଓ ମୁକ୍ତ ସ୍ୱରରେ କହିଲେ, ପରମେଶ୍ୱର ତୁମକୁ ପୂର୍ନବାର ଆମ ନିକଟକୁ ଫେରାଇ ଆଣନ୍ତୁ ।

ୟହୁଦୀମାନେ ତ ତୌରାତ୍ ହାତରେ ଉଠାଇ ସାକ୍ଷ୍ୟ ଦେଉଥିଲେ ଯେ, ଆମେ ଜୀବିତ ଥିବା ପର୍ଯ୍ୟନ୍ତ କୈସର କଦାପି ଏହି ମାଟିରେ ପାଦ ରଖିପାରିବନାହିଁ ଅର୍ଥାତ ଏଠାରେ ଶାସନ କରିପାରିବନାହିଁ । ତାହା ତାକୁ ଆମେ କରିବାକୁ ଦେବୁନାହିଁ ଯେପର୍ଯ୍ୟନ୍ତ ଆମ ପିଣ୍ଡରେ ପ୍ରାଣ ସଂଚାର ରହିଛି । ରୋମୀମାନଙ୍କ ଶାସନ ଯାହାକି ସିରିୟା ଓ ମିଶରରେ ରହିଥିଲା ପୂର୍ଣ୍ଣ ରୂପେ ଏକଛାତ୍ରବାଦୀ ଥିଲା । ତେଣୁ ରୋମୀମାନେ ଯେଉଁ ମୁକାବିଲା କଲେ ତାହା ନିଜ ସେନାର ଦାମ୍ଭିକତାରେ କରିଥିଲେ । ପ୍ରଜାର ସମର୍ଥନ ସେମାନଙ୍କୁ ହାସଲ ନଥିଲା ତେଣୁ ମୁସଲମାନମାନେ ଶତ୍ରୁକୁ ପରାସ୍ତ କରିବା ପରେ ସେମାନଙ୍କ ସମ୍ମୁଖରେ ଅନ୍ୟ କୌଣସି ବିଘ୍ନ ଅବା ସମସ୍ୟା ନଥିଲା । ସେମାନେ ନିଜ ଉତମ ଆଚରଣ ଦ୍ୱାରା ପ୍ରଜାମାନଙ୍କୁ, ଉକ୍ତ ଅଂଚଳ ବାସୀଙ୍କୁ ଅର୍ଥାତ ଯେଉଁ ଅଂଚଳକୁ ସେମାନେ ବିଜୟ କରୁଥିଲେ ତଥା ନିଜ ଅଧିନସ୍ଥ କରୁଥିଲେ ଲୋକମାନଙ୍କ ମନ ଜିଣି ନେଉଥିଲେ ଏବଂ ଲୋକମାନଙ୍କ ତରଫରୁ ସେମାନଙ୍କୁ କୌଣସି ପ୍ରକାର ଅସୁବିଧା ନଥିଲା ଫଳତଃ ସେଠିକାର ଅଧିବାସୀମାନେ ମୁସଲମାନମାନଙ୍କ ପାଇଁ କୌଣସି ସମସ୍ୟା ଉପୁଜାଉ ନଥିଲେ । ଯଦ୍ୱାରା ଅଂଚଳ ଜୟ କରିବା ପରେ ଶାସନ ପରିଚାଳନା କରିବା କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧାର ସମ୍ମୁଖିନ ମୁସଲମାନମାନେ ହେଉନଥିଲେ ବରଂ ଜନତା ସେମାନଙ୍କୁ ସାହାଯ୍ୟ ସହଯୋଗ କରୁଥିଲେ । ଆଉ ଏକ ବଡ଼ କାରଣ ଥିଲା ଯେ, ମୁସଲମାନମାନଙ୍କ ପ୍ରାରମ୍ଭରେ ସିରିୟା ଓ ଇରାକ ଉପରେ ଆକ୍ରମଣ କରି ତାହାକୁ ନିଜ ଅଧିନ କରିବା ପରେ ସେଠାରେ ବସବାସ କରୁଥିବା ଅଧିକାଂଶ ଆରବର ଅଧିବାସୀ ଥିଲେ ଯେଉଁଠାରେ କି ସେମାନେ ବସତି ସ୍ଥାପନ କରିନେଇଥିଲେ ତେଣୁ ସେମାନେ ମୁସଲମାନମାନଙ୍କୁ ସ୍ୱାଗତ ଜଣାଇଥିଲେ ଏବଂ ପ୍ରସନ୍ନଚିତରେ ସେମାନଙ୍କୁ ଗ୍ରହଣ କରିଥିଲେ । ଅପରପାର୍ଶ୍ୱରେ ଆରବର ସମ୍ପୂର୍ଣ୍ଣ ସେନାବାହିନୀ ଏକଲକ୍ଷରୁ ମଧ୍ୟ କମ୍ ଥିଲା ଯେପରିକି ମୁଁ ଚର୍ଚ୍ଚା କରି ଆସିଲି ତାହା ପୁଣି ଏପରି ଯେ, ପ୍ରଚଳିତ ଯୁଦ୍ଧ ସରଞ୍ଜାମ ଓ ହାତ ହତିୟାର ମଧ୍ୟ ସେମାନଙ୍କ ନିକଟରେ ପର୍ଯ୍ୟାପ୍ତ ମାତ୍ରାରେ ନଥିଲା ଏବଂ ନବୀନତମ ଯୁଦ୍ଧ କୌଶଳରୁ ଆରବ ଅଜ୍ଞ ଥିଲେ । ଅତଏବ ଉକ୍ତ ପ୍ରଶ୍ନର ଅସଲ ଉତର ହେଉଛି ଏହା ଯେ, ହଜୁର ସ:ଆ:ସଙ୍କୁ ଯୋଗୁଁ ମୁସଲମାନମାନଙ୍କ ମଧ୍ୟରେ ଉତ୍କଣ୍ଠା, ଅଦମ୍ୟ ସାହାସ, ଦୃଢ଼ ସଂକଳ୍ପ, ଉଚ୍ଚ ଆକାଂକ୍ଷା ଓ ବୀରତ୍ୱ ଆଦି ଭାବନା ଉତ୍ପନ୍ନ ହୋଇଯାଇଥିଲା ଯାହାକୁ ହଜରତ ଉମର ର:ଅ ଅଧିକ ପରିମାର୍ଜିତ କରିଦେଇଥିଲେ । ମୁସଲମାନମାନଙ୍କ ସତ୍ୟବାଦୀତା ଓ ବିଶ୍ୱସ୍ଥତା ସେମାନଙ୍କ ବୁଦ୍ଧିଜ୍ଞାନକୁ ଆହୁରି ତେଜିୟାନ କରିଦେଇଥିଲେ ଏବଂ ଏଥିପାଇଁ ପ୍ରଜାମାନେ ମଧ୍ୟ ସେମାନଙ୍କର କଦାପି ପରିହାସ କରୁନଥିଲେ । ଇରାକ୍ ଓ ସିରିୟାର ମୁଖିଆ ଓ ଜମିଦାରବର୍ଗ ତଥା ପ୍ରଶାସନର ବିରୋଧିମାନେ ସେମାନଙ୍କ ଉତମ ଚରିତ୍ରକୁ ଦେଖି ମୁସଲମାନ ହୋଇଯାଉଥିଲେ । ସେଠାକାର ଅଧିବାସୀ ଦୀର୍ଘ ଦିନ ଧରି ମୁକାବିଲା କଲେ ତେଣୁ ସମସ୍ତଙ୍କୁ ହତ୍ୟା କର । ଅର୍ଥାତ ଯେତେବେଳେ ଶତ୍ରୁ ଉକ୍ତ ଅଂଚଳକୁ ଅଧିକାର କରୁଥିଲା ମୁସଲମାନମାନଙ୍କ ବଦଳରେ ମୁକାବିଲାରେ ସେତେବେଳେ ମୁସଲମାନମାନଙ୍କ ନୀତୀ ବିପରୀତ ଶତ୍ରୁର ନୀତି ରହିଥିଲା ଅର୍ଥାତ ଦୀର୍ଘ ଦିନ ଧରି ସହର ବିଜୟ ନ ହେବା ଫଳରେ ଶତ୍ରୁ ଉତ୍ୟକ୍ତ ହୋଇ ସାଧାରଣ ଜନତା ଏପରି କି ମହିଳା ଓ ପିଲାଛୁଆଙ୍କୁ ମଧ୍ୟ ହତ୍ୟା କରିବାର ନିର୍ଦ୍ଦେଶ ଦେଉଥିଲେ ଏବଂ ଏଭଳି ବର୍ବର କାଣ୍ଡ କରୁଥିଲେ ଯାହା ଫଳରେ ସାଧାରଣ ଜନତା ସେମାନଙ୍କର ଶତ୍ରୁ ପାଲଟି ଯାଉଥିଲେ ।

ସିକନ୍ଦର ଏବଂ ଚଙ୍ଗେଜ୍‌ଖାନ୍ ଇତ୍ୟାଦିଙ୍କ ନାମ ଏଠାରେ ନେବା ଠିକ୍ ନୁହେଁ । ଅବଶ୍ୟ ଉଭୟେ ବହୁତ ବଡ଼ ବଡ଼ ବିଜୟ ପ୍ରାପ୍ତ କରିଥିଲେ କିନ୍ତୁ କିପରି ? ବର୍ବରତା, ଅତ୍ୟାଚାର ଏବଂ ଗଣହତ୍ୟା କରି ଏମାନେ ବିଜୟୀ ହୋଇଥିଲେ । ଚଙ୍ଗେଜ୍‌ଖାନ୍ ବିଷୟରେ ତ ସମସ୍ତେ ଜାଣିଛନ୍ତି । ସିକନ୍ଦର କଥା ଯଦି ନେବା ସେ ଯେତେବେଳେ ସିରିଆର ସୁର୍ ସହରକୁ ଅଧିକାର କଲା, ଯେହେତୁ ସେଠିକାର ଅଧିବାସୀ ଲମ୍ବା ସମୟ ପର୍ଯ୍ୟନ୍ତ ଯୁଦ୍ଧ ଲଢ଼ିଥିଲେ ତେଣୁ ଗଣହତ୍ୟା କରିବାକୁ ନିର୍ଦ୍ଦେଶ ନେଇଥିଲା ଅର୍ଥାତ ସମ୍ରାଟ ସମସ୍ତ ସହରବାସୀଙ୍କୁ ହତ୍ୟା କରିବାର ନିର୍ଦ୍ଦେଶ ଦେଇ ଦେଇଥିଲା ଯଦ୍ୱାରା ଏକ ହଜାର ସହରବାସୀଙ୍କ ମସ୍ତକ କାଟି ଦୁର୍ଗର ପାଚେରୀରେ ଟାଙ୍ଗି ଦିଆଯାଇଥିଲା ଏବଂ ତିରିଶି ହଜାର ଜନତାଙ୍କୁ ଦାସ ଓ ଦାସୀ କରି ବିକ୍ରି କରିଦିଆଯାଇଥିଲା ଏବଂ କାହାରିକୁ କ୍ଷମା ଦିଆଯାଇନଥିଲ । ସେହିପରି ଇସ୍ତେଖରିୟା ଯାହା ଫରାସୀର ପୂରାତନ ସହର ଥିଲା, ସେହି ସହରକୁ ଜୟ କରିବା ପରେ ସେଠିକାର ସମସ୍ତ ପୁରୁଷମାନଙ୍କୁ ହତ୍ୟା କରିଦିଆଯାଇଥିଲା । ନିଶୃଂସ ଓ ଅମାନ୍ୟବୈକତାର ବଜାର ସେମାନେ ସରଗରମ କରିଥିଲେ ଯାହାକି ସିକନ୍ଦରର ନିର୍ଦ୍ଦେଶ କ୍ରମେ ଏହି ବର୍ବରକାଣ୍ଡ ଘଟିଥିଲା ତେଣୁ ଏପରି ନରସଂହାର କରିଥିବା ଏପରି ପ୍ରଶାସକଙ୍କର ଇସ୍‌ଲାମ୍‌ର ନମ୍ର ଓ ସୁନ୍ଦର ଆଚରଣ ସହିତ କ'ଣ ବା ତୁଳନା ରହିଛି ? ସାଧାରଣତଃ ଏହା ସୁପ୍ରଶିଦ୍ଧ ଯେ, ଅନ୍ୟାୟ ଓ ଅତ୍ୟାଚାର ଦ୍ୱାରା ସମ୍ରାଟ ବରବାଦ ହୋଇଯାଇଥାନ୍ତି, ଦୀର୍ଘ ଦିନ ଶାସନ କରିପାରିନଥାନ୍ତି, ଶାସନ କ୍ଷମତା ସେମାନଙ୍କ ହାତମୁଠାରୁ ଚାଲିଯାଇଥାଏ । ଏହି ଆଚରଣ ଯୋଗୁଁ ହିଁ ସିକନ୍ଦର ଓ ଚେଙ୍ଗିଜ୍‌ଖାନ୍‌ର ସାମ୍ରାଜ୍ୟ ଧ୍ୱଂସ ହୋଇଥିଲା କିନ୍ତୁ ଏହା ବିପରୀତ ମୁସଲମାନମାନେ ଯେଉଁ ସ୍ଥଳେ ପାଦ ଥାପୁଥିଲେ ସେଠାକାର ବାସିନ୍ଦା ତାଙ୍କର ସ୍ୱାଗତ କରୁଥିଲେ, ଏପରି ସ୍ଥଳେ ବିଦ୍ରୋହ ଓ ବିଶୃଙ୍ଖଳାର ଉତ୍ପତି ହିଁ ହେଉନଥିଲା ସୁତରାଂ ଏହି ସ୍ଥଳେ ସିକନ୍ଦର ଓ ଚେଙ୍ଗିଜ୍‌ଖାନ୍‌ର ନାମ ନେବା ସମ୍ପୂର୍ଣ୍ଣ ରୂପେ ଅସଙ୍ଗତ । କାରଣ ସେ ଦୁହେଁ ତ ଅନ୍ୟାୟ, ଅତ୍ୟାଚାର ଓ ରକ୍ତପାତର ବଜାର ସରଗରମ କରି ବିଜୟ ଲାଭ କରିଥିଲେ କିନ୍ତୁ ଅପର ପକ୍ଷେ ମୁସଲମାନମାନଙ୍କ ସତ୍ୟତା, ନମ୍ରତା ଓ ନ୍ୟାୟପରାୟଣତାର ଗୁଣ ପ୍ରଜାଙ୍କ ମନ ଓ ପ୍ରାଣ ଜିଣିନେଇଥିଲା । ଚେଙ୍ଗିଜ୍‌ଖାନ୍, ବକ୍ତେନସିର୍, ତୈୟମୁର୍ ଓ ନାଦିର୍‌ସାହ୍ ଆଦି ସମ୍ପିଏଁ ହତ୍ୟାକାରୀ ଥିଲେ କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ କଦାପି ନିତି ନିୟମ ଓ ନ୍ୟାୟ ବିଚାରର ଉଲ୍ଲଘଂନ ହୋଇନାହିଁ ।

ଶତ୍ରୁକୁ ନୀହତ କରିବାପରେ ତାହାର ଅଙ୍ଗ ଛେଦନ କରିବା, ଛୋଟ ଶିଶୁମାନଙ୍କୁ ହତ୍ୟା କରିବା, ପ୍ରତିଜ୍ଞା ଭଙ୍ଗ କରିବା ତଥା ସାଧାରଣ ଲୋକମାନଙ୍କୁ ହତ୍ୟା କରିବା ତ' ଦୁରର କଥା ଗୋଟିଏ ବୃକ୍ଷକୁ ମଧ୍ୟ କାଟିବାର ମୁସଲମାନ ସୈନିକମାନଙ୍କୁ ଅନୁମତି ନଥିଲା । ଏଭଳି ନିତିନିୟମ ପାଳନ କରିବା ଫଳରେ ମୁସଲମାନମାନଙ୍କୁ ଯେଉଁ ସାହାଯ୍ୟ ସହଯୋଗ ଜନତାଙ୍କ ତରଫରୁ ମିଳୁଥିଲା ତାହା ଅନ୍ୟମାନଙ୍କୁ ମିଳିନାହିଁ ବା ଇତିହାସ ପୃଷ୍ଠରେ ଏଭଳି ନମୁନାର ଉଦାହରଣ ଦେଖିବାକୁ ମିଳୁନାହିଁ । ମୁସଲମାନମାନେ ରଣକ୍ଷେତ୍ରରେ ଶତ୍ରୁର ବଦ୍ଧ କରୁଥିଲେ ତାହା ବ୍ୟତିରକେ କାହାରିକୁ ହତ୍ୟା କରୁନଥିଲେ, କୌଣସି ଅବସ୍ଥାରେ ଶତ୍ରୁ ସହିତ ବିଶ୍ୱାସଘାତକ କରୁନଥିଲେ ବରଂ ମୁସଲମାନ

ଅଫିସରମାନଙ୍କୁ ତାଗିଦ୍ କରାଯାଉଥିଲା ଯେ, ଯଦି ଶତ୍ରୁ ତୁମ ଉପରେ ଆକ୍ରମଣ କରିଦିଏ ତେବେ ଛଳରେ ତାହାକୁ ନୀହତ କରିବ ନାହିଁ, ନା ତାହାର କାନ ନାକକୁ ଛେଦନ କରିବ । ଯିଏ ଅନୁଗାମୀ ହେବା ପରେ ବିଦ୍ରୋହର ମାର୍ଗ ଆପଣାଇଥାଏ ତେବେ ପୂର୍ନବାର ସେମାନଙ୍କ ସହିତ ସହମତି କ୍ରମେ ତାଙ୍କ ସହ କ୍ଷମା ଆଚରଣ ପ୍ରଦର୍ଶନ କରିବ ଅର୍ଥାତ ବିଦ୍ରୋହକାରୀ ଯଦି ବିଦ୍ରୋହରୁ ନିବୃତ ରୁହେ ତେବେ ତାହା ସହିତ କ୍ଷମା ଆଚରଣ କରିବାର ନିର୍ଦ୍ଦେଶ ରହିଥିଲା । ଏହିଭଳି ନିତି ମୁସଲମାନ ସୈନିକମାନଙ୍କ ପାଇଁ ପ୍ରଣୟନ ହୋଇଥିଲା । ଯେତେବେଳେ ଅର୍‌ବୋସସ୍‌ର ଅଧିବାସୀମାନେ ଲଗାତାର ତିନି ତିନିଥର ସ୍ୱୀକାର କରି ପୁଣି ଲେଉଟି ଗଲେ ଓ ତିନିଥର ବିଦ୍ରୋହ ପ୍ରଦର୍ଶନ କଲେ ସେତେବେଳେ ସେମାନଙ୍କୁ ହତ୍ୟା କରାଗଲା ନାହିଁ ବରଂ ତାଙ୍କୁ ଦେଶ ଛାଡ଼ି ଚାଲିଯିବା ପାଇଁ ଆଦେଶ ଦିଆଗଲା ଏବଂ ସେମାନଙ୍କ ଜମିଜମାର ସମ୍ପୁର୍ଣ୍ଣ ଅର୍ଥ ଦେଇ ସେମାନଙ୍କୁ ବିଦା କରିଥିଲେ । ଯାହା ତାଙ୍କର ସମ୍ପତି ଥିଲା ସେହି ସମ୍ପତିର ମୂଲ୍ୟାୟନ କରି ତାହାକୁ ତାହା ଦିଆଯାଇଥିଲା ଏବଂ ଦେଶରୁ ତାକୁ ବିତାଡ଼ିତ କରିଦିଆଯାଇଥିଲା ଯେ ତୁମେ ଦେଶକୁ ଛାଡ଼ି ଚାଲିଯାଅ କାରଣ ସେ ବାରମ୍ବାର ବିଦ୍ରୋହ ପ୍ରଦର୍ଶନ କରିବା ଅଭ୍ୟାହତ ରଖିଥିଲା । ଅର୍‌ବୋସୁସ୍ ସିରିୟାର ସୀମାନ୍ତ ଅଂଚଳ ଥିଲା ଏହି ନୀତି ଯୋଗୁଁ ମୁସଲମାନମାନଙ୍କୁ ଜନତାଙ୍କ ସାହାଯ୍ୟ ସହଯୋଗ ମିଳୁଥିଲା । ପୁନଶ୍ଚ ମୁସଲମାନମାନେ ଯେଉଁ ସହରକୁ ଅଧିକାର କରୁଥିଲେ ସେଠାକାର ସ୍ଥାନୀୟ ବାସିନ୍ଦାଙ୍କଠାରୁ ଏକବର୍ଷ ପର୍ଯ୍ୟନ୍ତ ଖଜଣା ଆଦାୟ କରୁନଥିଲେ ।

ଯେଉଁ ଲୋକମାନେ ଶ୍ରେଷ୍ଠ ଫାରୁକଙ୍କର ଏହି ଅଭୁତପୂର୍ବ ବିଜୟର ଉତର ଦିଅନ୍ତି କି ସଂସାରରେ ଆହୁରି ଅନେକ ଏପରି ବିଜୟୀ ହୋଇଛନ୍ତି ତେବେ ସେମାନଙ୍କୁ ଦେଖିବା ଉଚିତ ଯେ ଏପରି ନମ୍ର ଆଚରଣ ଓ ନୀତିନିୟମର ପାଳନ କରି କେଉଁ ପ୍ରଶାସକ ଅନ୍ୟର ଭୂଖଣ୍ଡରେ ଖଣ୍ଡେ ଜମି ବି ବିଜୟ କରିଥିବାର ଇତିହାସ ପୃଷ୍ଠାରେ ଦେଖାଇପାରିବେ କି ? ସିକନ୍ଦର ଓ ଚେଙ୍ଗିଜ୍‌ଖାନ୍ ଆଦି ସ୍ୱୟମ ଯୁଦ୍ଧରେ ଅବତରଣ କରୁଥିଲେ ଯେତେବେଳେ କି ହଜ୍‌ରତ୍ ଉମର୍ ର:ଅ ସମ୍ପୁର୍ଣ୍ଣ ଖିଲାଫତ୍‌ର ଅବଧି ମଧ୍ୟରେ ଥରେ ହେଲେ ବି କଦାପି କୌଣସି ଯୁଦ୍ଧରେ ସାମିଲ ହୋଇନାହାନ୍ତି କିନ୍ତୁ ସମ୍ପୁର୍ଣ୍ଣ ସେନାର ଦାୟିତ୍ୱ ସେ ନିଜେ ନିଜ ଅଧିନରେ ରଖୁଥିଲେ ଓ ସମସ୍ତ ପ୍ରକାର ମାର୍ଗଦର୍ଶନ ଓ ନିର୍ଦ୍ଦେଶ ତାଙ୍କ କହିବା ଅନୁଯାୟୀ କାର୍ଯ୍ୟକାରୀ ହେଉଥିଲା ବା ସୈନିକମାନେ ପାଳନ କରୁଥିଲେ ତାହାର । ତେଣୁ ହଜ୍‌ରତ୍ ଉମର୍ ର:ଅଙ୍କ ବିଜୟର ବିଶେଷ ଭୂମିକା ରହିଛି, ମୁସଲମାନମାନେ ଯେଉଁ ବିଜୟ ଲାଭ କରିଥିଲେ କ୍ରମାଗତ ଭାବରେ ସେଥିରେ ହଜ୍‌ରତ୍ ଉମର୍ ର:ଅଙ୍କ ଭୁମିକା ଅତି ଗୁରୁତ୍ୱପୂର୍ଣ୍ଣ । ଆଉ ଏକ ବଡ଼ ଫରକ ଓ ସ୍ପଷ୍ଟ ଫରକ ଏହା ଥିଲା ଯେ ସିକନ୍ଦର ଇତ୍ୟାଦି ସମ୍ରାଟମାନଙ୍କର ବିଜୟ ଉଡ଼ିଯାଇଥିବା ବାଦଲ ସଦୃଶ ଥିଲା । ବହୁତ ଜୋର୍‌ରେ ଆସିଲା ପୁଣି ଚାଲିଗଲା । ସେମାନେ ଯେଉଁ ସବୁ ଦେଶକୁ ଅଧିକାର କଲେ, ସେଠାରେ କୌଣସି ପ୍ରଶାସନ ବ୍ୟବସ୍ଥା ପ୍ରତିଷ୍ଠା କଲେନାହିଁ । ଏହା ବିପରୀତ ହଜରତ ଉମର୍ ର:ଅଙ୍କ ଦ୍ୱାରା ବିଜୟ କରାଯାଇଥିବା ଦେଶ ଗୁଡିକରେ, ତେରଶହ ବର୍ଷ ବିତିଯିବା ପରେ ବି ଆଜି ମଧ୍ୟ ଇସ୍‌ଲାମ୍‌ର ଶାସନ ଚାଲିଛି ।

ହଜରତ ଉମର ର:ଅଙ୍କ ବିଜୟର ଯେଉଁ ବିଶେଷ କାର୍ଯ୍ୟ ଥିଲା ସେ ସମ୍ବନ୍ଧରେ ସେ ଏକଥା ଲେଖିଛନ୍ତି ଯେ, ଶେଷ ପ୍ରଶ୍ନର ଉତର ଏହି କି ଯେ, ସର୍ବସାଧାରଣଙ୍କ ମତରେ ଏହି କ୍ରମାଗତ ବିଜୟରେ ଖଲିଫାଙ୍କର ବିଶେଷ ଭୂମିକା ନଥିଲା ବରଂ ସେତେବେଳେ ମୁସଲମାନ ସେନାଙ୍କର ଯେଉଁ ଉତ୍ସାହ ଓ ଦୃଢ଼ ବିଶ୍ୱାସ ରହିଥିଲା ସେହି କାରଣରୁ ସେମାନେ ସମସ୍ତ କ୍ଷେତ୍ରରେ ଜୟ ଲାଭ କରୁଥିଲେ । ଏହା ଏକ ପ୍ରଶ୍ନ କିନ୍ତୁ ସେ କୁହନ୍ତି ଆମ ରାୟରେ ତାହା ସଠିକ୍ ନୁହେଁ । ହଜରତ ଉସ୍‌ମାନ୍ ର:ଅ ଓ ହଜରତ ଅଲୀ ର:ଅଙ୍କ ଖିଲାଫତ୍ କାଳରେ ତ ସେହି ମୁସଲମାନ ସୈନିକମାନେ ରହିଥିଲେ କିନ୍ତୁ ପରିଣାମ କଣ ହେଲା ? ନିଃସନ୍ଦେହ ରୂପେ ଉତ୍ସାହ ଓ ଆବେଗ ପ୍ରଭାବ ପକାଇଥାଏ କିନ୍ତୁ ତାହା କ୍ଷଣସ୍ଥାୟୀ କିନ୍ତୁ ଏହି ଶକ୍ତି ସେତେବେଳେ ଫଳପ୍ରଦ ହୋଇଥାଏ ଏହି ଉତ୍ସାହ ସେତେବେଳେ ଫଳପ୍ରଦ ହୋଇଥାଏ ଯେତେବେଳେ ଉଚ୍ଚ ପଦାଧିକାରୀ ବ୍ୟକ୍ତି ସେହିପରି ଜୋର୍‌ଦାର ଓ ସାମର୍ଥ୍ୟବାନ ହୋଇଥିବ । କେବଳ କଳନା କରି କହିବା ଠିକ୍ ନୁହେଁ ବରଂ ବିଜୟର ବ୍ୟାଖ୍ୟା ଓ ଅବସ୍ଥା ପାଠ କଲେ ସ୍ପଷ୍ଟ ଜଣାଯାଇଥାଏ ଯେ, ସମଗ୍ର ସେନାବାହିନୀ ହଜ୍‌ରତ୍ ଉମର୍ ର:ଅଙ୍କ ଇସାରାରେ ହର୍‌କତ୍ କରୁଥିଲା ଓ ତାଙ୍କର ବିଚକ୍ଷଣ ଓ ପରାଦର୍ଶିତା ତଥା ଉଚ୍ଚ ଯୋଜନା ଓ ରଣନୀତି ଯୋଗୁଁ ଏଭଳି ସଫଳତା ମିଳିପାରିଥିଲା । ହଜ୍‌ରତ୍ ଉମର୍ ର:ଅ ଯେଭଳି ସେନାକୁ ସୁସଜ୍ଜିତ ଓ କ୍ରମାଗତ ଭାବରେ ଅଭ୍ୟାସ କରାଉଥିଲେ ଓ ଦୁର୍ଗର ସୁରକ୍ଷା କରିବା, ଭୀଷଣ ଶୀତ ଓ ଗ୍ରୀଷ୍ମ ତାପରେ ସେମାନଙ୍କୁ ପ୍ରଶିକ୍ଷିତ କରାଉଥିଲେ, ତାହା ଅନନ୍ୟ । ତେଣୁ ଶ୍ରେଷ୍ଠ ଫାରୁକଙ୍କର ବିଜୟର ଅଭିଜାନ ସ୍ପଷ୍ଟ ଦର୍ଶାଉଛି ଯେ ସମଗ୍ର ସେନା ଏକ କଣ୍ଢେଇ ସଦୃଶ ହଜ୍‌ରତ୍ ଉମର୍ ର:ଅଙ୍କ ଇସାରାରେ କାମ କରୁଥିଲା । ସେ ସୈନିକମାନଙ୍କୁ ଯୁଦ୍ଧ ପ୍ରବୀଣ କରିବା ସହିତ ସେମାନଙ୍କ ପାଇଁ ବାରାକ୍ ନିର୍ମଣ କରିଥିଲେ । ଘୋଡ଼ାମାନଙ୍କ ରକ୍ଷଣାବେକ୍ଷଣ କରିବା ଓ ଧ୍ୱଜାର ବ୍ୟବସ୍ଥା କରିବା, ସେନାପତିମାନଙ୍କର ଚୟନ କରିବା, ଶତ୍ରୁର ଦୁର୍ଗକୁ ଧୂଳିସାତ କରିବାର ଅସ୍ତ୍ର ଆଦି ବିଭିନ୍ନ ପ୍ରକାର କିସମର ମାମଲାରେ ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ନିର୍ଦ୍ଦେଶ ଦେଇ ଏହି ସବୁ କାର୍ଯ୍ୟ ତୁଲାଉଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ହିଁ ଏହିସବୁ କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଇରାକର ବିଜୟ ପ୍ରସଙ୍ଗରେ ହଜ୍‌ରତ୍ ଉମର୍ ର:ଅ ବାସ୍ତବପକ୍ଷେ ସ୍ୱୟମ ସେନାଧ୍ୟକ୍ଷର କାର୍ଯ୍ୟକୁ ତୁଲାଇଥିଲେ । ସେନା ଯେତେବେଳେ ମଦିନାରୁ ଯାତ୍ରା ଆରମ୍ଭ କଲା ସେତେବେଳେ ହଜରତ ଉମର ର:ଅ ପୂର୍ବରୁ ଯୋଜନା କରିନେଇଥିଲେ ଯେ, ଅମୁକ ମାର୍ଗ ଦେଇ ସେନା ଯିବ ଏବଂ ସେଥିଅନ୍ତେ ସମସ୍ତ ପ୍ରସଙ୍ଗକୁ ଲିଖିତ ଭାବରେ ପ୍ରେରଣ କରିଥିଲେ ଯେ, କେଉଁ ସ୍ଥଳେ ଅବସ୍ଥାନ କରିବ, ଶିବିର ଜମାଇବ ଆଦି ସମସ୍ତ କାର୍ଯ୍ୟ ଯୋଜନା ବଦ୍ଧ ଭାବରେ ବ୍ୟବସ୍ଥା କରିଥିଲେ । ଯେତେବେଳେ ସେନା କାଦିସିୟା ନିକଟରେ ପହଂଚିଲା ଇସ୍‌ଲାମୀୟ ସେନାର ସେନାଧ୍ୟକ୍ଷ ସେଠାକାର ନକସା ମଗାଇ ଖଲିଫାଙ୍କ ନିକଟକୁ ପ୍ରେରଣ କଲେ ତାହା ଅନୁସାରେ ହଜରତ ଉମର୍ ର:ଅ ସୈନ୍ୟ ସଜ୍ଜାର ସମସ୍ତ ବିବରଣୀ ପ୍ରେରଣ କରିଥିଲେ । କେଉଁ କେଉଁ ଅଫିସର କେଉଁ କେଉଁ କାର୍ଯ୍ୟରେ ମୃତୟନ ରହିବେ ସେଥିପାଇଁ ହଜ୍‌ରତ୍ ଉମର୍ ର:ଅ ନିର୍ଦ୍ଦେଶ ଦେଇଥିଲେ ଏବଂ ତାଙ୍କୁ ସେହି ପଦରେ ଅଧିଷ୍ଠିତ କରିଥିଲେ । ତବ୍‌ରୀର ଇତିହାସ ପୃଷ୍ଠାରେ ଯଦି ଇରାକ୍ ଘଟଣାର ବ୍ୟାଖ୍ୟା ଦେଖାଯାଏ ତେବେ ସ୍ପଷ୍ଟ ଜଣାଯିବ ଯେ, ଜଣେ ବଡ଼ ସେନାଧ୍ୟକ୍ଷ ଦୂରରୁ ସମଗ୍ର ସେନାକୁ ନିୟନ୍ତ୍ରିତ କରିଥିଲା ଏବଂ ତାହାରି ନିର୍ଦ୍ଦେଶ କ୍ରମେ ସୈନିକମାନେ ଆଗକୁ ପାଦ ବଢ଼ାଉଥିଲେ । ଏହି ଦୀର୍ଘ ଦଶବର୍ଷର ଅବଧି ମଧ୍ୟରେ ହଜରତ ଉମର ର:ଅଙ୍କ ଖିଲାଫତ କାଳରେ ଏପରି ଦୁଇଟି ଅତି ଭୟଙ୍କର ଯୁଦ୍ଧର ସମ୍ମୁଖିନ ମୁସଲମାନମାନେ ହୋଇଥିଲେ ଯାହାକି ଚର୍ଚ୍ଚା କରିବା ଯୋଗ୍ୟ ଗୋଟିଏ ହେଉଛି ନେହାଓ୍ୱନ୍ଦର ଯୁଦ୍ଧ ଓ ଅନ୍ୟଟି ହେଉଛି ରୋମ୍‌ର ସମ୍ରାଟ କୈସ୍‌ର ଦ୍ୱୀପପୁଞ୍ଜର ଅଧିବାସୀମାନଙ୍କ ସାହାଯ୍ୟରେ ପୂନର୍ବାର ହିମସ୍ ଉପରେ ଆକ୍ରମଣ କରିବାର ଘଟଣା ଅର୍ଥାତ ରୋମ୍‌ର ଉପକୂଳ ବର୍ତୀ ଲୋକମାନଙ୍କ ସହାୟତାରେ ପୂର୍ନବାର ହିମସ୍ ଉପରେ ଚଢ଼ାଉ କରିବା ଘଟଣା । ଏହା ଏପରି ସଙ୍କଟାପନ୍ନ ପରିସ୍ଥିତି ଥିଲା ଯାହାକି ବଡ଼ରୁ ବଡ଼ ସମ୍ରାଟଙ୍କୁ ସ୍ତମ୍ଭୀଭୂତ କରିଦେଇଥାଏ । ଏଭଳି ଉଭୟ ଯୁଦ୍ଧରେ କେବଳ ହଜ୍‌ରତ୍ ଉମର୍ ର:ଅଙ୍କର ଉତମ ରଣକୌଶଳ ଯାହାକି ଭୟଙ୍କର ରୂପେ ଉଠୁଥବା ଶତ୍ରୁର ତୋଫାନକୁ ଚାପି ନିଷ୍କ୍ରିୟ କରିଦେଇଥିଲା । ଆଜି ସୁଦ୍ଧା ସେହି ଶ୍ରେଷ୍ଠ ଫାରୁକଙ୍କ ବରାବର ବିଜୟୀ ଓ ସମତୂଲ୍ୟ ଭୂପୃଷ୍ଠରେ ଜନ୍ମଗ୍ରହଣ କରିନାହାନ୍ତି ଯେ ବିଜୟ ଓ ନ୍ୟାୟ ଆଚରଣ ଉଭୟର ସମାହାର ଥିଲେ ଓ ବିଜୟ ପ୍ରାପ୍ତ କରିବା ପରେ ନ୍ୟାୟ ପ୍ରତିଷ୍ଠା କରୁଥିବେ ।

***(ଅଲ୍‌ଫାରୁକ......ପୃ-୧୭୦-୧୭୭, ୨୮୭....... କରାଚି ୧୯୯୧) (ଉର୍ଦ୍ଦୁ ଦାଏରାଏ ମାଆରିଫ୍ ଇସ୍‌ଲାମୀୟା, ଖଣ୍ଡ-୨୦......ପୃ-୫୨୯-୫୩୦....ଲାହୋର୍) (ଉର୍ଦ୍ଦୁ ଲୁଗତ୍....... ଖଣ୍ଡ-୧୯, ପୃ-୯୩୨,...... କରାଚି) (ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୧, ପୃ-୨୪୯-୨୫୦...... ବେରୁତ)***

ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କ ଶହୀଦ ହେବା ପାଇଁ ଆର୍ଶୀବାଦଦେବା ପ୍ରସଙ୍ଗରେ ଉଲ୍ଲେଖ ରହିଛି ଓ ମହାଭାଗ ସ:ଆ:ସ ହଜରତ ଉମର୍ ର:ଅଙ୍କୁ ଶହୀଦ୍ ଭାବରେ ସମ୍ବୋଧନ କରିଛନ୍ତି । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ବର୍ଣ୍ଣନା କରନ୍ତି, ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଧବଳ ପୋଷାକ ପରିଧାନ କରିଥିବାର ଦେଖିଲେ ଆପଣ ପଚାରିଲେ ହେ ଉମର ! ତୁମର ଏ ବସ୍ତ୍ର ନୂଆ ଅବା ତୁମେ ତାହାକୁ ସଫା କରି ପରିଷ୍କାର କରିଛ ? ଅବ୍‌ଦୁଲ୍ଲାଃ ବିନ୍ ଉମର୍ କୁହନ୍ତି ମୋର ମନେ ରହିଲା ନାହିଁ ଯେ, ହଜ୍‌ରତ୍ ଉମର୍ ର:ଅ ଅର୍ଥାତ ମୋ ପିତା ତାହାର କଣ ଉତର ଦେଇଥିଲେ କିନ୍ତୁ ହଜୁର ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କୁ ଦୁଆ ଦେଇ କହିଲେ ଯେ ନୂଆ ପୋଷାକ ପରିଧାନ କର ଏବଂ ପ୍ରଶଂସା ଯୋଗ୍ୟ ଜୀବନ ଅତିବାହିତ କର, ତଥା ଶହୀଦର ମୃତ୍ୟୁ ପାଅ । ଇବ୍‌ନେ ଉମର୍ କୁହନ୍ତି ମୋର ମନେ ହେଉଛି ଆପଣ ସ:ଆ:ସ ଏହା ମଧ୍ୟ କହିଥିଲେ ଯେ ପ୍ରଭୁ ତୁମ ଚକ୍ଷୁକୁ ଇହ ଓ ପରକାଳରେ ଶୀତଳତା ପ୍ରଦାନ କରନ୍ତୁ ।

***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍..... ଖଣ୍ଡ-୨, ପୃ-୪୨୯, ହଦିସ୍-୫୬୨୦..... ବେରୁତ ୧୯୯୮)***

ହଜରତ ଅନସ୍ ବିନ୍ ମାଲିକ୍ ର:ଅ ବର୍ଣ୍ଣନା କରନ୍ତି; ଏକଦା ହଜୁର ସ:ଆ:ସ ହଜରତ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ ଓ ହଜରତ ଉସ୍‌ମାନ୍ ର:ଅଙ୍କ ସହିତ ଓ୍ୱହଦ୍ ପର୍ବତ ଉପରେ ଆସ୍ଥାନ ଜମାଇ ବସିଥିଲେ ଯେ ତାହା ଆନ୍ଦୋଳିତ ହେବା ଆରମ୍ଭ ହେଲା ଏଥିରେ ହଜୁର ସ:ଆ:ସ କହିଲେ, ହେ ଓ୍ୱହଦ୍ ! ରହିଯା ତୋ ଉପରେ ଜଣେ ନବୀ, ଜଣେ ସତ୍ୟବାଦୀ ଓ ଦୁଇଜଣ ଶହୀଦ ଆସ୍ଥାନ ଜମାଇ ବସିଛନ୍ତି ।

***(ସହୀ ବୁଖାରୀ କିତାବ୍ ଫଜାଇଲେ ଅସ୍‌ହାବେ ନବୀ ସ:ଆ:ସ ହଦିସ୍ ନଂ- ୩୬୭୫)***

ଆଉ ଏକ ସ୍ଥାନରେ ବର୍ଣ୍ଣିତ ରହିଛି ଯେ ହଜରତ ଉବୈ ବିନ୍ କାଆବ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ରସୁଲେ୍ କରିମ୍ ସ:ଆ:ସ କହିଲେ:- ହଜରତ ଜିବ୍ରାଇଲ୍ ମତେ ସୂଚିତ କରିଛନ୍ତି ଯେ, ଇସ୍‌ଲାମ୍‌ର ଦୁନିଆ ହଜ୍‌ରତ୍ ଉମର୍ ର:ଅଙ୍କ ନିଧନରେ ଅଶ୍ରୁ ବୁହାଇବ ।

***(ଅଲ୍‌ମୁଅଜମୁଲ୍ କବୀର୍ ଲିତିବ୍‌ରାନୀ, ଖଣ୍ଡ-୧, ପୃ-୬୭-୬୮, ରିଓ୍ୱାୟତ୍-୬୧.....୨୦୦୨)***

ଶହୀଦ୍ ହେବାପାଇଁ ହଜରତ ଉମର୍ ର:ଅଙ୍କର ଯେଉଁ ଅଭିଳାଷା ଥିଲା, ସେ ସମ୍ବନ୍ଧରେ ଗୋଟିଏ ବର୍ଣ୍ଣନା ଅଛି । ନବୀ କରିମ୍ ସ:ଆ:ସଙ୍କ ପତ୍ନୀ ହଜରତ ହଫ୍‌ସା ବର୍ଣ୍ଣନା କରିଛନ୍ତି ଯେ ମୁଁ ମୋ ବାପାଙ୍କୁ ଏ କଥା କହୁଥିବାର ଶୁଣିଛି ଯେ **ଅଲ୍ଲାଃହୁମ୍ମା ଇର୍‌ଜୁକ୍‌ନି କତ୍‌ଲନ୍ ଫଇ ସବିଲିକା ଓ୍ୱ ଓ୍ୱଫାତନ୍ ଫି ବଲ୍‌ଦି ନବିୟିକା** ଅର୍ଥାତ ହେ ଅଲ୍ଲାଃ ! ମତେ ତୁମ୍ଭ ମାର୍ଗରେ ଶାହାଦତ୍ ପ୍ରଦାନ କର । ଶହୀଦ ହେବାର ସୌଭାଗ୍ୟ ପ୍ରଦାନ କର ଓ ମତେ ଆମ ନବୀ ସ:ଆ:ସଙ୍କ ସହରରେ ମୃତ୍ୟୁ ପ୍ରଦାନ କର । ସେ କୁହନ୍ତି ମୁଁ କହିଲି ଏହା କିଭଳି ସମ୍ଭବ ହୋଇପାରେ ? ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ; **ଇନ୍ନଲ୍ଲାହା ୟାତି ବିଅମ୍‌ରିହି ଅନ୍ନା ଶାଆ** ଅର୍ଥାତ:- ନିଶ୍ଚିତ ରୂପେ ଅଲ୍ଲାଃ ଯାହା ଇଚ୍ଛା କରନ୍ତି ତାହା କରିବାକୁ ପୂର୍ଣ୍ଣ ସାମର୍ଥ୍ୟ ରଖିଛନ୍ତି ।

*(ତବ୍‌କାତୁଲ୍ କୁବ୍‌ରା, ଲେବ୍‌ନାନ୍ ସାଆଦ୍, ଖଣ୍ଡ-୩, ପୃ-୨୫୨.... ବେରୁତ ୧୯୯୦)*

ହଜ୍‌ରତ୍ ଉମର୍ ର:ଅଙ୍କ ଶାହାଦତ୍ ପ୍ରସଙ୍ଗରେ ଯେଉଁ ଦୁଆ ସେ କରିଥିଲେ ତାହାର ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି; ହଜ୍‌ରତ୍ ଉମର୍ ର:ଅ ଅଲ୍ଲାଃଙ୍କର କେଡ଼େ ନିକଟତର ଥିଲେ ଯେ ଦେଖ ହଜୁର ସ:ଆ:ସ କହିଲେ, ଯଦି ମୋ ଅନ୍ତେ କେହି ନବୀ ହୋଇଥାନ୍ତେ ତେବେ ସେ ହଜ୍‌ରତ୍ ଉମର୍ ର:ଅ ହୋଇଥାନ୍ତେ । ଏହି ସ୍ଥଳେ ମୋ ଅନ୍ତେ'ର ଯଥାର୍ଥ ହେଉଛି ମୋ ଚାଲିଯିବା ମାତ୍ରେ । ତେବେ ହଜୁର ସ:ଆ:ସ ତାଙ୍କୁ ଏଭଳି ଯୋଗ୍ୟ ମଣୁଥିଲେ ଯେ ଯଦି ଅଲ୍ଲାଃ ସେହି ଯୁଗର ଆବଶ୍ୟକତା ଅନୁଯାୟୀ କାହାରିକୁ ଶାହାଦତ୍‌ର ସ୍ତରରୁ ଉଠାଇ ନବୁଓ୍ୱତର ଉଚ୍ଚ ସ୍ତରରେ ଅଧିଷ୍ଠିତ କରିଥାନ୍ତେ ତେବେ ସେ ହଜ୍‌ରତ୍ ଉମର୍ ର:ଅ ହିଁ ଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କ ବଳିଦାନକୁ ଦେଖି ୟୁରୋପର ବଡ଼ ବଡ଼ ବିରୋଦ୍ଧୀମାନେ ମଧ୍ୟ ସ୍ୱୀକାର କରିଥାନ୍ତି ଯେ ଏଭଳି ବଳିଦାନ ଦେବା, ଏଭଳି ନିଜକୁ ଉତ୍ସର୍ଗୀତ କରିବା ବ୍ୟକ୍ତି ଖୁବ୍ କମ୍ ଦେଖିବାକୁ ମିଳିଥାନ୍ତି । ପୁଣି ପ୍ରଶଂସା କରିବାରେ ଏତେ ବଢ଼ିଯାଇଛନ୍ତି ଯେ ଏହା ମଧ୍ୟ ସ୍ୱୀକାର କରିଥାନ୍ତି ସେମାନେ, ୟୁରୋପୀୟନ୍ ଐତିହାସ୍‌ବିତ୍‌ମାନେ ଯେ, ତାଙ୍କର ସେନା ଯୋଗୁଁ ଇସ୍‌ଲାମ୍‌ର ଉନ୍ନତୀ ଓ ବିକାଶ ସାଧିତ ହେଲା । ମୋମିନ୍‌ମାନଙ୍କ ମାତା ହଜରତ ହଫ୍‌ସା ର:ଅ ବର୍ଣ୍ଣନା କରନ୍ତି; ମୋ ପିତା ହଜ୍‌ରତ୍ ଉମର୍ ର:ଅ ଏହି ଦୁଆ କରୁଥିଲେ, ହେ ଅଲ୍ଲାଃ ! ମତେ ତୁମ ମାର୍ଗରେ ଶହୀଦ ହେବାର ପୁରଷ୍କାର ପ୍ରଦାନ କର । ହଜରତ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି; ହଜ୍‌ରତ୍ ଉମର୍ ର:ଅ ଦୂଆ କରୁଥିଲେ ମତେ ମଦିନାର ଶହୀଦ ହେବାର ସୌଭାଗ୍ୟ ମିଳନ୍ତା କି, ଏହି ଦୁଆ କିଭଳି ଭୟଙ୍କର ଥିଲା ଯେ, ଶତ୍ରୁ ମଦିନା ଉପରେ ଆକ୍ରମଣ କରି ହଜ୍‌ରତ୍ ଉମର୍ ର:ଅଙ୍କୁ ଶହୀଦ କରିଦେଇଥାନ୍ତା ବା ଶହୀଦ କରିଦେବାର ଯୋଜନା ପ୍ରସ୍ତୁତ କରିଥାନ୍ତା କିନ୍ତୁ ଅଲ୍ଲାଃ ତାଲା ତାଙ୍କ ଅଭିଳାଷକୁ ଅନ୍ୟ ରଙ୍ଗରେ ପୂରଣ କଲେ ଏବଂ ଜଣେ ମୁସଲମାନ ବୁଲାଉଥିବା ବ୍ୟକ୍ତି ହତଭାଗ୍ୟ ବ୍ୟକ୍ତିର ହସ୍ତରେ ସେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ ଶହୀଦ ହେଲେ । ସେ ଯାହା ହେଉ ନା କାହିଁକି ହଜ୍‌ରତ୍ ଉମର୍ ର:ଅଙ୍କ ଦୁଆରୁ ପତିତ ହେଉଛି ଯେ ତାଙ୍କ ଦୃଷ୍ଟିକୋଣରୁ ପ୍ରଭୁଙ୍କ ସାନିଧ୍ୟର ଏହି ଚିହ୍ନ ଥିଲା ଯେ ନିଜ ଜୀବନକୁ ପ୍ରଭୁଙ୍କ ମାଗରେ ବଳିଦାନ ଦେବାର ସୁଯୋଗ ମିଳିଯାଆନ୍ତି କି, କିନ୍ତୁ ଆଜି ମଧ୍ୟ ସାନିଧ୍ୟର ଏହି ଚିହ୍ନ ବୁଝାଯାଉଛି ହଜରତ ମୁସ୍‌ଲେହ ମଉଦ୍ ର:ଅ ନିଜ ଖୁତ୍‌ବାରେ ଓ୍ୱସିୟତ କରି ଅହେମଦୀମାନଙ୍କୁ ଉପଦେଶ ପୂର୍ବକ କୁହନ୍ତି ଆଜି ସାନ୍ନିଧ୍ୟର ଏହି ଚିହ୍ନ ବୁଝାଯାଉଛି ଯେ ପ୍ରଭୁ ଭକ୍ତର ଜୀବନ ରକ୍ଷା କରନ୍ତୁ ।

*(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧୭, ପୃ-୪୭୪-୪୭୫)*

ଆଉ ଏକ ସ୍ଥାନରେ ହଜ୍‌ରତ୍ ଉମର୍ ର:ଅଙ୍କ ଶାହାଦତ୍‌ର ଘଟଣା ଓ ଦୁଆ'ର ଚର୍ଚ୍ଚା କରି ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି; ହଜ୍‌ରତ୍ ଉମର୍ ର:ଅଙ୍କ ସର୍ବଦା ଏହି ଦୁଆ ରହିଥିଲା ଯେ, ହେ ପ୍ରଭୁ ! ମତେ ଯେବେ ବି ମରଣ ଆସୁ ତାହା ମଦିନାରେ ଆସୁ ଓ ମତେ ଶାହାଦତ୍‌ର ମୃତ୍ୟୁ ପ୍ରଦାନ କର ।

ଦେଖ ମୃତ୍ୟୁ କିଭଳି ଭୟଙ୍କର ପ୍ରସଙ୍ଗ, ମୃତ୍ୟୁ ସମୟ ଅନ୍ତରଙ୍ଗରୁ ଅନ୍ତରଙ୍ଗ ବନ୍ଧୁ ମଧ୍ୟ ସାଙ୍ଗ ଛାଡ଼ିଦେଇଥାଏ । ଆପଣ ଉଦାହରଣ ଦେଇ କୁହନ୍ତି ଜଣେ ମହିଳା ଥିଲେ, ଯାହାର କନ୍ୟା ରୋଗରେ ଆକ୍ରାନ୍ତ ହୋଇଥିଲା । ଲୋକ ପ୍ରାଣକୁ କିଭଳି ଭଲ ପାଆନ୍ତି, ନିଜ ପ୍ରାଣକୁ ତାହାର ଚର୍ଚ୍ଚା କରି କୁହନ୍ତି ଯେ ଉକ୍ତ ମହିଳା ଜଣକ ଦୁଆ କଲେ ଯେ, ହେ ପ୍ରଭୁ ମୋ କନ୍ୟା ପରିବର୍ତ୍ତେ ମୋ ଜୀବନ ନେଇଯାଅ କିନ୍ତୁ ତାହାକୁ ଦୀର୍ଘାୟୁ କରିଦିଅ । ଯେପରି କି ପିତାମାତାମାନେ କରିଥାନ୍ତି ନିଜ ସନ୍ତାନମାନଙ୍କ ସକାଶେ, ସେ ମଧ୍ୟ କଲେ । ସେ ନିଜ ଝିଅକୁ ବେଶ୍ ସ୍ନେହ ଆଦର କରୁଥିଲେ, ଦିନେ ରାତ୍ରରେ ସଂଯୋଗବଶତଃ ମହିଳାଙ୍କ ଗାଇର ଦଉଡ଼ି ଖୋଲିଗଲା ଏବଂ ତାହାର ମୁଣ୍ଡ ଗୋଟିଏ ବାସନରେ ପସି ଫସିଗଲା ଯଦ୍ୱାରା ସେ ଏଣେତେଣେ ଦଉଡ଼ିବାକୁ ଲାଗିଲା । ବ୍ୟସ୍ତ ବିବ୍ରତ ହୋଇ ଏଣେ ତେଣେ ଦଉଡୁଥିଲା । ଯେତେବେଳେ ଉକ୍ତ ମହିଳା ଜଣକ ଗାଇକୁ ଦେଖିଲେ ଯେ ଗାଈର ମୁହଁରେ ଅନ୍ୟ କିଛି ରହିଛି ଏବଂ ଏକ ବଡ଼ ଜିନିଷଟିଏ ରହିଛି ସେତେବେଳେ ସେ ଭୟରେ ଛାନିଆ ହୋଇ ଉଠିଲେ ଏବଂ ଗାଈ ତ ଦଉଡ଼ି ବୁଲୁଥିଲା କିନ୍ତୁ ମୁହଁରେ ଆଉ କିଛି ଦେଖି ସମ୍ଭବତଃ ସେ ଭାବିଲେ ଯେ ମୋର ଦୁଆ ସ୍ୱୀକାର ହୋଇଯାଇଛି ଏବଂ ବୋଧ ହୁଏ, ଇଜ୍ରାଇଲ ଦେବଦୂତ ମୋ ଜୀବନ ନେବାକୁ ଆସି ପହଂଚିଛି ତେଣୁ ଏଥିରେ ସେ ଅଣଆୟତ ହୋଇ କହି ଉଠିଲା, ଇଜ୍ରାଇଲ୍ ମୁଁ ରୋଗୀ ନୁହେଁ ବରଂ ଯିଏ ଶୋଇଛି ସେ ହେଉଛି ରୋଗୀ ତାହାର ପ୍ରାଣ କବଳିତ କର, ତାକୁ ନେଇଯାଅ । ହଜରତ ମୁସଲେହ ମଉଦ ର:ଅ କୁହନ୍ତି; ଜୀବନ ଏତେ ପ୍ରୀୟ ଯେ ତାହା ପାଇଁ ମଣିଷ ପ୍ରତ୍ୟେକ ପ୍ରକାର ଉପାୟ ପାଂଚିଥାଏ ତାହାକୁ ରକ୍ଷା କରିବାପାଇଁ । ଦେଖ ସେହି ମହିଳାଜଣକ ନିଜ ଝିଅର ଦୀର୍ଘାୟୁ ପାଇଁ ଦୁଆ କରୁଥିଲେ କିନ୍ତୁ ଯେତେବେଳେ ଦେଖିଲେ ଯେ ନିଜ ଜୀବନ ଉପରେ ବିପଦ ମାଡ଼ି ଆସିଲାଣି ସେତେବେଳେ ନିଜ କନ୍ୟା ଆଡ଼କୁ ଇସାରା କରିଦେଲେ ଯେ ତାହାକୁ ନେଇ ଯାଅ ମତେ ଛାଡ଼ିଦିଆ । ଜୀବନ ରକ୍ଷା କରିବା ଉପଚାରରେ ମଣିଷ କାଙ୍ଗାଳ ପାଲଟିଯାଇଥାଏ ଅର୍ଥାତ ରୋଗ ହେଲା ମାତ୍ରେ ଚିକିତ୍ସାଳୟକୁ ଯାଇ ସମସ୍ତ ପ୍ରକାର ଉଦ୍ୟମ କରିଥାଏ ଯେ ସେ କିଭଳି ତାହାକୁ ଅର୍ଥାତ ଜୀବନକୁ ରକ୍ଷା କରିନେବ । ସେଥିପାଇଁ ସେ ନିଜର ସବୁକିଛି ଓ ନିଜର ସମସ୍ତ ସମ୍ପତି ଉତ୍ସର୍ଗ କରିଦେବାକୁ ପଡ଼ିଲେ ମଧ୍ୟ ତାହା କରିବାକୁ ପଛାଇ ନଥାଏ । କିନ୍ତୁ ଏହି ପ୍ରୀୟ ଜୀବନକୁ ଉତ୍ସର୍ଗ କରିବାରେ ସାହାବାମାନେ ଦେଖ କିଭଳି ଆନନ୍ଦ ସହକାରେ ଘରୁ ବାହାରି ଚାଲି ଆସୁଥିଲେ ।

ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି; ମୋର ଧ୍ୟାନ ଆସିଲା ହଜ୍‌ରତ୍ ଉମର୍ ର:ଅ ଯେଉଁ ଦୁଆ କରୁଥିଲେ ଯେ, ହେ ପ୍ରଭୁ! ମତେ ମଦିନାରେ ଶହୀଦର ମୃତ୍ୟୁ ଦିଅ ଏ କଥା କେଡ଼େ ବିପଜ୍ଜନକ ଯେ, ଉପଦ୍ରବୀମାନେ ମଦିନାରେ ପ୍ରବେଶ କରି ମୁସଲମାନମାନଙ୍କ ସର୍ଦ୍ଦାରଙ୍କ ନିକଟକୁ ଯାଇ ତାଙ୍କୁ ଶହୀଦ କରିଦେବେ, ଏହା କୌଣସି ସାଧାରଣ କଥା ନଥିଲା । କିନ୍ତୁ ଖୁଦାତାଲା ତାଙ୍କ ଦୁଆକୁ ଅନ୍ୟ ରଙ୍ଗରେ ପୁରଣ କଲେ ଓ ଜଣେ ମୁସଲମାନ ବୋଲାଉଥିବା ଲୋକର ହାତରେ ହିଁ ହଜରତ ଉମର୍ ର:ଅ ଶହୀଦ୍ ହେଲେ । କେତେକ ସ୍ଥଳେ ବର୍ଣ୍ଣନା ମିଳୁଛି ଯେ, ସାଧାରଣତଃ ସେହି ହତଭାଗା ଜଣକ ଅମାନ୍ୟକାରୀ ଥିଲା କିନ୍ତୁ ଅନ୍ୟ କେତେକ ସ୍ଥଳେ ବର୍ଣ୍ଣନା ରହିଛି ଯେ, ସେ ମୁସଲମାନ ଥିଲା ତେବେ ବାସ୍ତବପକ୍ଷେ ସେ ଅମାନ୍ୟକାରୀ ହିଁ ଥିଲା ଅବା ମୁସଲମାନ ଥିଲା ତାହା ସଠିକ୍ ଜଣାନାହିଁ, ସେ ଯାହା ହେଉ ନା କାହିଁକି ହଜରତ ମୁସ୍‌ଲେହ ମଉଦ ର:ଅ କୁହନ୍ତି ସେ ଜଣେ କ୍ରୀତଦାସ ଥିଲା ଯାହାଙ୍କ ଜରିଆରେ ଖୁଦାତାଲା ହଜରତ ଉମର୍ ର:ଅଙ୍କୁ ଶହୀଦ୍ ହେବାର ସୌଭାଗ୍ୟ ପ୍ରଦାନ କଲେ । ମଣିଷ ଯାହା ଚାହିଁଥାଏ ତଥା ଅଭିଳାଷା ରଖିଥାଏ ତାହା ତା ପାଇଁ ମୁସିବତ ହୁଏନାହିଁ ।

*(ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୧, ପୃ-୧୬୬-୧୬୭)*

ହଜରତ ଅବୁ ବୁର୍‌ଦାଃ ର:ଅ ନିଜ ପିତାଙ୍କ ମାଧ୍ୟମରେ ବର୍ଣ୍ଣନା କରନ୍ତି ଯେ, ହଜରତ ଅଓଫ୍ ବିନ୍ ମାଲିକ୍ ସ୍ୱପ୍ନରେ ଦେଖିଲେ ଯେ, ଲୋକେ ଗୋଟିଏ ପଡ଼ିଆରେ ଜମା ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତ ଅନ୍ୟମାନଙ୍କ ତୁଳନାରେ ତିନିହାତ ଉଚ୍ଚା ଅଛନ୍ତି ସେ କୁହନ୍ତି ମୁଁ ପଚାରିଲି ଏ ବ୍ୟକ୍ତି ଜଣକ କିଏ ? ଉତର ମିଳିଲା ଯେ, ସେ ହେଉଛନ୍ତି ହଜରତ ଉମର ବିନ୍ ଖତାବ୍ ର:ଅ । ମୁଁ ପୁନଶ୍ଚ ପଚାରିଲି ସେ କେଉଁ କାରଣରୁ ବାକି ଲୋକଙ୍କ ଅପେକ୍ଷା ଏତେ ଉଚ୍ଚା ? ଏଥିରେ ମତେ ସୁଚନା ଦିଆଗଲା ଯେ, ତାଙ୍କ ଠାରେ ତିନୋଟି ବିଶେଷଗୁଣ ରହିଛି ପ୍ରଥମ ସେ ଅଲ୍ଲାଃଙ୍କ ମାର୍ଗରେ କୌଣସି ଶ୍ରାପଦାତାର ଶ୍ରାପକୁ ଭୟ କରୁନଥିଲେ, (ଅର୍ଥାତ ତାଙ୍କର ଅମଙ୍ଗଳ ଓ ଅନିଷ୍ଟ କାମନା ଯିଏ କରୁଥିଲା ସେ ତାହାର ଅମଙ୍ଗଳ କାମନା କରୁନଥିଲେ । ତାହାର କ୍ଷତି କରୁନଥିଲେ) ଦ୍ୱିତୀୟରେ ସେ ଅଲ୍ଲାଃଙ୍କ ମାର୍ଗରେ ଶହୀଦ ହେବେ, ତୃତୀୟ ସେ ଖଲିଫା ହେବେ । ପୁଣି ହଜରତ ଅଓଫ୍ ବିନ୍ ମାଲିକ ର:ଅ ହଜରତ ଅବୁବୁକର ର:ଅଙ୍କ ନିକଟକୁ ଆସିଲେ ଏବଂ ତାଙ୍କୁ ନିଜର ଏହି ସ୍ୱପ୍ନ ଶୁଣାଇଲେ । ସେତେବେଳେ ହଜରତ ଅବୁବକର ର:ଅ ଖଲିଫା ଥିଲେ । ହଜରତ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼କାଇଲେ ଏବଂ ଏହି ଶୁଭ ସମାଚାର ଦେଲେ । ବର୍ଣ୍ଣନାକାରୀ କୁହନ୍ତି; ଯେତେବେଳେ ତାଙ୍କୁ ସୁଚନା ମିଳିଲା ଯେ, ସେ ଖଲିଫା ହେବେ ଅର୍ଥା ହଜ୍‌ରତ୍ ଉମର୍ ର:ଅ ଖଲିଫା ହେବେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କ ଉପରେ ଖଫା ହେଲେ ଓ ଚୁପ କରାଇଦେଲେ । କାରଣ ସେତେବେଳେ ହଜରତ ଅବୁବକର ର:ଅ ଖଲିଫା ଥିଲେ । ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଖଲିଫା ହେଲେ ଏବଂ ଏକଦା ଯେତେବେଳେ ସିରିୟା ଯାଇଥିଲେ ଓ ଲୋକମାନଙ୍କୁ ଅଭିଭାଷଣ ଦେଉଥିଲେ ସେତେବେଳେ ସେଠାରେ ହଜରତ ଅଓଫ୍ ବିନ ମାଲିକ ର:ଅଙ୍କୁ ଦେଖିବାକୁ ପାଇଲେ ଏବଂ ତାଙ୍କୁ ଡ଼ାକି ମଂଚ ଉପରେ ଛିଡ଼ା କଲେ ପାଖକୁ ଡ଼ାକିଲେ ଏବଂ କହିଲେ, ଏଠାରେ ନିଜର ସେହି ସ୍ୱପ୍ନ ଶୁଣାଅ, ଲୋକମାନଙ୍କୁ କୁହ ଯାହା ତୁମେ ସେତେବେଳେ ଦେଖିଥିଲ । ସେ ନିଜର ସ୍ୱପ୍ନ ଶୁଣାଇଲେ ଅର୍ଥାତ ହଜ୍‌ରତ୍ ଉମର୍ ର:ଅଙ୍କ ପ୍ରସଙ୍ଗରେ ଯେଉଁ ସ୍ୱପ୍ନର ଚର୍ଚ୍ଚା ହେଲା । ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ କହିଲେ ମୁଁ ପ୍ରଭୁଙ୍କ ଶରଣରୁ ନିଜ ପାଇଁ

କଲ୍ୟାଣ କାମନା କରୁଛି ପ୍ରଭୁ ମତେ ଖଲିଫା ମନୋନୀତ କଲେ ମୁଁ ଦୁଆ କରୁଛି ମୋ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ ରହିଛି ସେଥିରେ ସେ ମୋର ସହାୟ ହୁଅନ୍ତୁ । ଯେଉଁଠି ମୋ ଶହୀଦ ହେବା ପ୍ରସଙ୍ଗ ରହିଲା ତେବେ ତାହା ମତେ କିଭଳି ପ୍ରାପ୍ତ ହେବ ! ଯେବେ କି ମୁଁ ଆରବର ଉପଦ୍ୱୀପରେ ବାସ କରୁଅଛି ଓ ମୁଁ ତ କାହା ସହ କଳହ କରୁନାହିଁ । ପୁଣି କହିଲେ ଯଦି ପ୍ରଭୁ ଇଚ୍ଛା କରନ୍ତି ତା'ହେଲେ ମତେ ଶାହାଦତ୍ ପ୍ରଦାନ କରିବେ ।

ହଜରତ ଅନସ୍ ବିନ୍ ମାଲିକ ର:ଅ କୁହନ୍ତି; ଅବୁ ମୁସା ଅଶ୍ଅରୀ ବର୍ଣ୍ଣନା କରନ୍ତି ମୁଁ ସ୍ୱପ୍ନରେ ଦେଖିଲି ମୁଁ ଅନେକଗୁଡ଼ିଏ ରାସ୍ତା ଆପଣାଇଛି କିନ୍ତୁ ସେ ସବୁ ଉଭେଇ ଯାଉଛି କେବଳ ଗୋଟିଏ ମାର୍ଗ ରହିଗଲା ଓ ସେହି ମାର୍ଗ ଧରି ମୁଁ ଏକ ପର୍ବତ ନିକଟରେ ପହଂଚିଯାଉଛି ଓ କ'ଣ ଦେଖୁଛି ଯେ ସେହି ସ୍ଥଳେ ହଜୁର ସ:ଆ:ସ ଅଛନ୍ତି ଓ ତାଙ୍କ ନିକଟରେ ହଜରତ ଅବୁବକର ର:ଅ ଉପସ୍ଥିତ ଅଛନ୍ତି । ହଜୁର ସ:ଆ:ସ ଇସାରାରେ ହଜ୍‌ରତ୍ ଉମର୍ ର:ଅଙ୍କୁ ଡ଼ାକୁଛନ୍ତି ସେ ଆସିବାରୁ ମୁଁ କହି ଉଠିଲି *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* ଅଲ୍ଲାଃଙ୍କ ରାଣ ! ଅମୀରୁଲ୍ ମୁମିନିନ୍‌ଙ୍କର ନିଧନ ହୋଇଗଲା । ସେ ନିଜ ମନରେ ଏକଥା କହୁଛନ୍ତି ଅର୍ଥାତ ହଜରତ ଅନସ୍ ବିନ୍ ମାଲିକ୍ କୁହନ୍ତି ଆପଣ ଏହି ସ୍ୱପ୍ନ ହଜ୍‌ରତ୍ ଉମର୍ ର:ଅଙ୍କୁ ଲେଖିବ ନାହିଁ ସେ ଉତ୍ତର ଦେଲେ ମୁଁ ଏପରି ବ୍ୟକ୍ତି ନୁହେଁ ଯେ, ଅମିରୁଲ୍ ମୁମିନିନ୍‌ଙ୍କୁ ତାଙ୍କ ମୃତ୍ୟୁ ସମ୍ବାଦ ଦେବି ।

***(ତବ୍‌କାତୁଲ୍ କୁବ୍‌ରା, ଲେବ୍‌ନାନ୍ ସାଆଦ୍, ଖଣ୍ଡ-୩, ପୃ-୨୫୨-୨୫୩..... ବେରୁତ ୧୯୯୦)***

ସଇଦ ବିନ୍ ଅବୁ ହିଲାଲ୍ କୁହନ୍ତି; ହଜ୍‌ରତ୍ ଉମର୍ ର:ଅ ଜୁମା ଦିନ ଲୋକମାନଙ୍କୁ ଖୁତ୍‌ବା ଦେଲେ ସର୍ବପ୍ରଥମେ ସେ ପ୍ରଭୁଙ୍କ ମହିମାଗାନ କରି କହିଲେ, ହେ ଲୋକମାନେ ! ମୁଁ ଏକ ସ୍ୱପ୍ନ ଦେଖିଲି ଯେଉଁଥିରେ ମତେ ସୁଚନା ଦିଆଗଲା ଯେ, ମୋର ଶେଷ ସମୟ ନିକଟତର ମୁଁ ଦେଖିଲି ଗୋଟିଏ ଲାଲ ରଙ୍ଗର ପକ୍ଷୀ ରହିଛି ଓ ସେ ମତେ ଦୁଇଥର ଥଂଟ ମାରୁଛି ତେଣୁ ମୁଁ ଏହି ସ୍ୱପ୍ନ ଆସ୍‌ମା ବିନ୍‌ତେ ଉମୈସ୍‌ଙ୍କୁ ଶୁଣାଇଲି । ସେ ଏହି ସ୍ୱପ୍ନର ଅର୍ଥ ଏହା ପ୍ରକାଶ କଲେ ଯେ ମତେ ଅଜ୍‌ମି (ଅର୍ଥାତ ଅଣ ଆରବୀୟ ଲୋକ)ମାନଙ୍କ ମଧ୍ୟରୁ କେହି ଜଣେ ହତ୍ୟା କରିବ ।

***(ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୨୫୫...... ଲେବ୍‌ନାନ୍ ୧୯୯୦)***

ହଜ୍‌ରତ୍ ଉମର୍ ର:ଅଙ୍କ ଶାହାଦତ୍‌ର ଦିନ ଓ କେଉଁଦିନ ତାଙ୍କୁ କବର ଦିଆଯାଇଥିଲା, ଏଥିରେ ଭିନ୍ନ ଭିନ୍ନ ମତ ରହିଛି । ହଜ୍‌ରତ୍ ଉମର୍ ର:ଅଙ୍କ ଶହୀଦ ହେବା ପ୍ରସଙ୍ଗରେ ହଜରତ ଅବୁ ମୁସା ଅଶ୍‌ଅରିକ୍ ଓ ହଜରତ ଅଓଫ୍ ବିନ୍ ମାଲିକ ର:ଅ ଯେଭଳି ସ୍ୱପ୍ନ ଦେଖିଥିଲେ ସେହିପରି ହଜ୍‌ରତ୍ ଉମର୍ ର:ଅ ସ୍ୱୟମ ମଧ୍ୟ ଏଥିସକ୍ରାନ୍ତରେ ସ୍ୱପ୍ନ ଦେଖିଥିଲେ ଯାହାକି ମୁଁ ବର୍ଣ୍ଣନା କରି ଆସିଲି

ତବକାତୁଲ୍ କୁବ୍‌ରାରେ ଲେଖାଯାଇଛି ଯେ ହଜରତ ଉମର୍ ର:ଅଙ୍କ ଉପରେ ବୁଧବାର ଦିନ ଆକ୍ରମଣ କରାଗଲା ଓ ଗୁରୁବାର ଦିନ ତାଙ୍କର ଦେହାନ୍ତ ହେଲା । ୨୬ ଜୁଲ୍‌ହଜା ୨୩ ହିଜ୍‌ରୀରେ ରେ ଆପଣଙ୍କ ଉପରେ ଆତ୍ମଘାତୀ ଆକ୍ରମଣ ହୋଇଥିଲା । ଆଉ କେତେକଙ୍କ କହିବା ଅନୁଯାୟୀ ୨୩ ହିଜରୀରେ ହୋଇଥିଲା ଯେପରି କି ମୁଁ କହିଲି ଏଥିରେ ମତପାର୍ଥକ୍ୟ ରହିଛି, ଭିନ୍ନ ମତ ରହିଛି । ଗୋଟିଏ ରିଓ୍ୱାୟତ ଅଛି ଯେ ଉସ୍‌ମାନ୍ ଅଖ୍‌ନସ୍ କହିଛନ୍ତି ୨୬ ଜିଲ୍‌ହଜାରେ ଦେହାନ୍ତ ହୋଇଥିଲା । ଆଉ ଏକ ରିଓ୍ୱାୟତରେ ଅବୁ ମାଆଶ୍‌ର କହିଛନ୍ତି; ଉମର ର:ଅଙ୍କୁ ୨୭ ଜିଲ୍‌ହଜା ଦିନ ଶହୀଦ କରାଗଲା ।

***(ତବ୍‌କାତୁଲ୍ କୁବ୍‌ରା, ଖଣ୍ଡ-୩, ପୃ-୨୭୮...... ଲେବ୍‌ନାନ୍ ୧୯୯୦)***

ଏହି ଆକ୍ରମଣରେ ଆପଣ କ୍ଷତାକ୍ତ ହୋଇଯାଇଥିଲେ ଯଦ୍ୱାରା ୨୪ ହିଜରୀ ୧ ମୋହରମ୍ ଦିନ ଆପଣଙ୍କର ସ୍ୱର୍ଗବାସ ହୋଇଥିଲା ଏହି ଆକ୍ରମଣ କାରଣରୁ । ସେହି ଦିନ ହିଁ ଆପଣଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ସମାପନ ହୋଇଥିଲା କିନ୍ତୁ ଏଥିରେ ମଧ୍ୟ ଭିନ୍ନ ଭିନ୍ନ ମତ ରହିଛି ।

ଶାହାଦତ୍‌ର ଘଟଣା ସହୀ ବୁଖାରୀରେ ଏପରି ଦରଜ ରହିଛି ଯେ ଉମ୍‌ରୋ ବିନ୍ ମୈମୁନା ବର୍ଣ୍ଣନା କରନ୍ତି; ହଜ୍‌ରତ୍ ଉମର୍ ର:ଅ ଙ୍କୁ କ୍ଷତାକ୍ତ କରିବା କିଛି ଦିନ ପୂର୍ବରୁ ମୁଁ ତାଙ୍କୁ ମଦିନାରେ ଦେଖିଲି ସେ ହୁଜେଫା ବିନ୍ ୟମାନ୍ ଓ ଉସ୍‌ମାନ୍ ବିନ୍ ହୁନୈଫ୍‌ଙ୍କ ନିକଟରେ ଥିଲେ । ସେ କହିଲେ, ଇରାକ ଭୂମିରେ ତୁମ ଦୁଇଜଣଙ୍କ ଉପରେ ଯେଉଁ ଦାୟିତ୍ୱ ନ୍ୟସ୍ତ ରହିଥିଲା ତାହା ତୁମେ କିଭଳି ସମ୍ପାଦନ କଲ ? ପୁନଶ୍ଚ କହିଲେ ତୁମେ ଦୁଇଜଣ ଲୋକମାନଙ୍କଠାରୁ ଅର୍ଥାତ ଜନସାଧାରଣଙ୍କଠାରୁ ଏତେ ମାତ୍ରାରେ କର ଆଦାୟ କରୁଥିଲ ଯାହା ସେମାନଙ୍କ ସାମର୍ଥ୍ୟ ବାହାରେ ରହୁଥିଲା । ସେମାନେ ଉତ୍ତର ଦେଲେ ଆମେ ତ' ତାଙ୍କ ସାମର୍ଥ୍ୟ ଅନୁଯାୟୀ ଖଜଣା ଆଦାୟ କରୁଥିଲୁ ଅର୍ଥାତ ଜମିରୁ ସେମାନେ ଯେଉଁଭଳି ଉତ୍ପାଦନ କରୁଥିଲେ ସେଥିଅନୁଯାୟୀ ଆମେ ତାଙ୍କଠାରୁ ଖଜଣା ଆଦାୟ କରୁଥିଲୁ । ତହିଁରେ କୌଣସି ଆଧିକ୍ୟତା କରାଯାଇନାହିଁ । ହଜ୍‌ରତ୍ ଉମର୍ ର:ଅ କହିଲେ, ତୁମେମାନେ ଭୂମି ଉପରେ ଏଭଳି କର ଧାର୍ଯ୍ୟ ତ କରିଦେଇନାହଁ ଯେଉଁ କର ସେମାନେ ପଇଠ କରିବାକୁ ସମର୍ଥ ନୁହନ୍ତି । ବର୍ଣ୍ଣନାକାରୀ କୁହନ୍ତି; ସେ ଦୁହେଁ କହିଲେ ନାହିଁ ଏପରି ନୁହେଁ । ହଜ୍‌ରତ୍ ଉମର୍ ର:ଅ କହିଲେ ଅଲ୍ଲାଃ ତାଲା ମତେ ଯଦି ସୁସ୍ଥ ରଖନ୍ତି ତେବେ ମୁଁ ଅବଶ୍ୟ ଇରାକ ବାସୀଙ୍କ ବିଧବା ମହିଳାମାନଙ୍କୁ ଏଭଳି ସ୍ଥିତିରେ ଛାଡ଼ିବି ଯେ ସେମାନେ ମୋ ପରେ ମଧ୍ୟ କେବେ ବି କୌଣସି ବ୍ୟକ୍ତି ନିକଟରେ ହାତ ପାତିବେ ନାହିଁ । ବର୍ଣ୍ଣନାକାରୀ କହିଲେ, ପୁନଶ୍ଚ ଉକ୍ତ କଥୋପକଥନକୁ ଚାରି ରାତି ବିତିନଥିଲା କି ହଜ୍‌ରତ୍ ଉମର୍ ର:ଅ ଆହତ ହେଲେ । ବର୍ଣ୍ଣନାକାରୀ କୁହନ୍ତି ଯେ ଯେଉଁ ଦିନ ହଜ୍‌ରତ୍ ଉମର୍ ର:ଅ ଆହତ ହେଲେ ମୁଁ ଛିଡ଼ା ହୋଇଥିଲି । ତାଙ୍କ ଓ ମୋ ମଧ୍ୟରେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍‌ଙ୍କ ବ୍ୟତିତ ଆଉ କେହି ନଥିଲେ । ହଜ୍‌ରତ୍ ଉମର୍ ର:ଅଙ୍କର ଏହି ଅଭ୍ୟାସ ଥିଲା ଯେ, ସେ ଯେତେବେଳେ ସେ ଦୁଇଟି ମଧ୍ୟ ଦେଇ ଗତି କରୁଥିଲେ ସେତେବେଳେ ସେ କହିଚାଲୁଥିଲେ ଯେ, ଧାଡ଼ି ଗୁଡ଼ିକ ସଳଖ ରଖ ଏବଂ ଯେତେବେଳେ ସେ କୌଣସି ଧାଡ଼ି ମଧ୍ୟ ଦେଇ କୌଣସି ଶୂନ୍ୟସ୍ଥାନକୁ ଦେଖୁଥିଲେ ସେତେବେଳେ ସେ ଆଗକୁ ଅଗ୍ରସର ହୋଇ ଅଲ୍ଲାଃ ହୁ ଅକ୍‌ବର କହୁଥିଲେ ଏବଂ ବେଳେବେଳେ ଫଜର ନମାଜରେ ଆପଣ ସୁରାଃ ୟୁସୁଫ୍ ଓ ସୁରାଃ ନେହଲ୍ କିମ୍ବା ଏହିଭଳି ଅନ୍ୟାନ୍ୟ ସୁରାଃଗୁଡ଼ିକୁ ପ୍ରଥମ ରେକାତ୍‌ରେ ପାଠ କରୁଥିଲେ କାରଣ ଏହା ଦ୍ୱାରା ଲୋକମାନେ କିପରି ଏକତ୍ରିତ ହୋଇଯାଆନ୍ତୁ । ହଜ୍‌ରତ୍ ଉମର୍ ର:ଅ ବର୍ତମାନ ଅଲ୍ଲାଃ ହୁ ଅକ୍‌ବର୍ କହିଥିଲେ କି ମୁଁ ତାଙ୍କୁ ଦେଖିଲି ସେ କହୁଥିଲେ ମତେ ହତ୍ୟା କରିଦିଆଯାଇଛି ଅବା ମତେ କୁକୁର କାମୁଡ଼ି ଦେଇଛି । ଯେତେବେଳେ ଉକ୍ତ ଆକ୍ରମଣକାରୀ ହତଭାଗା ଜଣକ ଦୁଇ ଧାରି ତୀକ୍ଷଣ ଛୁରୀ ଧରି ହଜ୍‌ରତ୍ ଉମର୍ ର:ଅଙ୍କ ଉପରକୁ ଆକ୍ରମଣ କଲା ଏବଂ ସେଥିଅନ୍ତେ ସେଠାରୁ ସେ ଖସି ପଳାଇ ଯିବାକୁ ବାହାରିଲା ଓ ଲୋକମାନଙ୍କ ମଧ୍ୟ ଦେଇ ଗତି କରୁଥିବା ସମୟରେ ଯେଉଁ ବ୍ୟକ୍ତିଙ୍କୁ ପାଉଥିଲା ତାହା ଉପରେ ଆକ୍ରମଣ କରି ଖସି ଯାଉଥିଲା । ଏହି ପ୍ରୟାସରେ ସେ ଉକ୍ତ ଧାରୁଆ ଅସ୍ତ୍ରରେ ଅନେକ ଲୋକଙ୍କୁ ଆହତ କରିଥିଲା ଏପରି କି, ୧୩ ଜଣ ବ୍ୟକ୍ତି ଆହତ ହୋଇଥିଲେ । ତନ୍ମଧ୍ୟରୁ ସାତଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ।

ମୁସଲମାନମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଏହା ଦେଖିଲେ ସେତେବେଳେ ସେ କୋଟ ପରିଧାନ କରିଥିଲା ଓ ସେଥିରେ ନିଜ ମୁଣ୍ଡକୁ ଘୋଡ଼ାଇ ରଖିଥିଲା ଯାହାକି ବୁଖାରୀରେ ବର୍ଣ୍ଣିତ ରହିଛି । ଯେତେବେଳେ ମୁସଲମାନମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଦେଖିଲା ଯେ ହତ୍ୟାକାରୀ ବିଭତ୍ସ କାଣ୍ଡ ଭିଆଇଛି ତେବେ ସେ ମୁସଲମାନ ଜଣକ ଉକ୍ତ ହତ୍ୟାକାରୀ ଉପରକୁ ସେହି କୋଟ୍‌ଟିକୁ ଫିଙ୍ଗି ଦେଇ ତାକୁ ଧରିପକାଇଲା ପୁନଶ୍ଚ ଯେତେବେଳେ ହତ୍ୟାକାରୀକୁ ଏହା ଜ୍ଞାତ ହେଲା ଯେ ସେ ଧରା ପଡ଼ିଯାଇଛି ସେତେବେଳେ ସେ ହତ୍ୟାକାରୀ ଜଣକ ନିଜ ବେକକୁ ନିଜେ କାଟି ଆତ୍ମହତ୍ୟା କରିନେଲା । ହଜ୍‌ରତ୍ ଉମର୍ ର:ଅ ହଜରତ ଅବ୍‌ଦୁର ରହ୍‌ମାନ୍ ବିନ୍ ଅଓଫ୍ ର:ଅଙ୍କ ହାତ ଧରି ତାଙ୍କୁ ଆଗକୁ କରିଦେଲେ ଯଦ୍ୱାରା ସେ ବାକି ରହିଯାଇଥିବା ନମାଜକୁ ସମାପ୍ତ କରିବେ । ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଲୋକମାନଙ୍କୁ ସଂକ୍ଷିପ୍ତ ନମାଜ ପାଠ କରାଇଲେ ଏହାପରେ ଯେତେବେଳେ ସେ ନମାଜ ପଢ଼ା ଶେଷ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ, ଇବ୍‌ନେ ଅବ୍‌ବାସ୍ ଦେଖ ମତେ କିଏ ମାରିଛି ? ଇବ୍‌ନେ ଅବ୍‌ବାସ ର:ଅ ବାହାରକୁ ଗଲେ ଏବଂ ଆସି କହିଲେ, ମୁଗୈରାଙ୍କ ଦାସ ଆପଣଙ୍କ ଉପରେ ଆକ୍ରମଣ କରିଦେଇଛି । ହଜ୍‌ରତ୍ ଉମର୍ ର:ଅ କହିଲେ ସେହି ବ୍ୟକ୍ତି ଯିଏ କାରିଗର କି ? ଇବ୍‌ନେ ଅବ୍‌ବାସ ର:ଅ କହିଲେ, ହଁ ଆଜ୍ଞା । ହଜ୍‌ରତ୍ ଉମର୍ ର:ଅ କହିଲେ, ଅଲ୍ଲାଃ ତାଲା ତାହାର ବିନାଶ କରନ୍ତୁ, ତାଙ୍କୁ ଅପଦସ୍ତ କରନ୍ତୁ । ମୁଁ ତା ପ୍ରତି ସଦ୍‌ବ୍ୟବହାର କରିବା ପାଇଁ ଆଦେଶ ଦେଇଥିଲି ।

ମୁଁ ଅଲ୍ଲାଃ ତାଲାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି ଯେ ମୋର ମୃତ୍ୟୁ ଏଭଳି ବ୍ୟକ୍ତିର ହାତରେ ହୋଇନାହିଁ ଯିଏ ଇସ୍‌ଲାମ୍‌ର ଦାବି କରୁଥିବ ଅର୍ଥାତ ମୁସଲମାନ ହେବାର ଘୋଷଣା କରୁଥିବ । ସେହି ହତ୍ୟାକାରୀ ଜଣକ ମୁସଲମାନ ନଥିଲା ବୋଲି ଏଥିରୁ ପ୍ରମାଣିତ ହେଉଛି ।

ହଜରତ ଉମର୍ ର:ଅ କହିଲେ, ତୁମେ ଓ ତୁମର ପିତା ଏହା ଚାହୁଁଥିଲେ ମଦିନାର ଅଣ ଆରବୀୟ ଲୋକମାନେ ଅଧିକ ସଂଖ୍ୟାରେ ରୁହନ୍ତୁ ଏବଂ ଇବ୍‌ନେ ଅବ୍‌ବାସ ର:ଅଙ୍କ ସର୍ବାଧିକ ଦାସ ଥିଲେ । ଇବ୍‌ନେ ଅବ୍‌ବାସ କହିଲେ ଯଦି ଆପଣ ମତେ ଅନୁମତି ପ୍ରଦାନ କରନ୍ତି ତେବେ ମୁଁ ମଦିନାରେ ଉପସ୍ଥିତ ଥିବା ସମସ୍ତ ଦାସଙ୍କୁ ବଦ୍ଧ କରିଦେବି । ସେ କହିଲେ, ଏପରି କରିବା ଠିକ୍ ହେବନାହିଁ ଅର୍ଥାତ ହଜ୍‌ରତ୍ ଉମର୍ ର:ଅ କହିଲେ ଯେ ନା ନା ଏପରି କରନାହିଁ । ଏଭଳି ବିଭତ୍ସ କାଣ୍ଡ କରନାହିଁ ବିଶେଷ କରି ଯେତେବେଳେ କି ସେମାନେ ଏବେ ତୁମମାନଙ୍କ ଭାଷାରେ କଥୋପକଥନ ହୁଅନ୍ତି ଓ ତୁମର କିବ୍‌ଲା ଆଡ଼କୁ ମୁହଁ କରି ନମାଜ ପଢ଼ନ୍ତି ଓ ତୁମ ପରି ହଜ୍ କରନ୍ତି (ଅର୍ଥାତ ସେ ବି ତୁମ ପରି ମୁସଲମାନ) । ଜଣକ ପାଇଁ ସମସ୍ତଙ୍କୁ ହତ୍ୟା କରିବା ନିଷ୍ଠୁରତାର ପ୍ରମାଣ ହେବ ଅନେକ ଦାସ ଏଭଳି ଥିଲେ ଯେଉଁମାନେ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଯାଇଥିଲେ । ପୁନଶ୍ଚ ଆମେମାନେ ହଜ୍‌ରତ୍ ଉମର୍ ର:ଅଙ୍କୁ ଆହାତ ଅବସ୍ଥାରେ ଉଠାଇ ତାଙ୍କ ଘରକୁ ନେଇଗଲୁ । ଆମେମାନେ ମଧ ତାଙ୍କ ସହିତ ଗୃହ ମଧ୍ୟକୁ ଚାଲିଗଲୁ ଏମିତି ଲାଗୁଥିଲା ଯେମିତି ମୁସଲମାନମାନଙ୍କ ଉପରେ ଏଭଳି ଦୁର୍ଦ୍ଦିନ ତଥା ବିପତି ଆ ପୂର୍ବରୁ କେବେ ଆସିନାହିଁ । କିଏ କହୁଥିଲା କିଛି ହେବନାହିଁ ତ' ଆଉ କିଏ କହୁଥିଲା ଯେ ମତେ ତାଙ୍କର ଏପରି

ଅବସ୍ଥା ଦେଖି ଭୟ ଲାଗୁଛି ଯେ ସମ୍ଭବତଃ ସେ ଆଉ କାଳେ ସୁସ୍ଥ ହୋଇପାରିବେ ନାହିଁ । ପରିଶେଷରେ ତାଙ୍କ ନିକଟକୁ ନବିଜ୍ ଅର୍ଥାତ ଖଜୁରୀ ରସ ଅଣାଗଲା ଏବଂ ତାଙ୍କୁ ପାନ କରାଗଲା କିନ୍ତୁ ତାହା ତାଙ୍କର କ୍ଷତସ୍ଥାନରୁ ବାହାରି ଆସୁଥିଲା । ସେଥିଅନ୍ତେ ତାଙ୍କୁ କ୍ଷୀର ପାନ କରାଗଲା ତାହା ମଧ୍ୟ ରହିଲାନାହିଁ ବରଂ ତାଙ୍କ କ୍ଷତସ୍ଥାନ ଦେଇ ପେଟପଟୁ ବାହାରି ଚାଲି ଆସୁଥିଲା । ଲୋକମାନେ ଏଥିରୁ ବୁଝିଗଲେ ଯେ, ହଜରତ ଉମର ର:ଅ ଆଉ ବଂଚିବେ ନାହିଁ । ଅମ୍ରୋ ବିନ୍ ମୈମୁନ୍ କୁହନ୍ତି ପୁନଶ୍ଚ ଆମେମାନେ ତାଙ୍କ ନିକଟକୁ ଗଲୁ ଅନ୍ୟ ଲୋକମାନେ ମଧ୍ୟ ତାଙ୍କ ନିକଟକୁ ଆସିଲେ ସେମାନେ ତାଙ୍କର ପ୍ରଶଂସା ଗାନ କଲେ । ଜଣେ ଯୁବକ କହିଲା ଯେ, ହେ ଅମିରୁଲ୍ ମୁମିନିନ୍ ଆପଣ ଅଲ୍ଲାଃ ତାଲାଙ୍କ ଶୁଭସମାଚାରରୁ ପ୍ରସନ୍ନ ହୋଇଯାଆନ୍ତୁ କାରଣ ଆପଣ ହେଉଛନ୍ତି ହଜୁର ସ:ଆ:ସଙ୍କ ସାହାବି ଏବଂ ଇସ୍‌ଲାମ୍‌ର ପ୍ରାରମ୍ଭିକ ଅବସ୍ଥାରେ ଆପଣଙ୍କୁ ଏ ଗୌରବ ପ୍ରାପ୍ତ ହୋଇଅଛି ଓ ଆପଣ ଏହା ଭଲ ଭାବରେ ଜାଣନ୍ତି । ତା'ପରେ ଆପଣ ଖଲିଫା ହେଲେ ଏବଂ ଆପଣ ନ୍ୟାୟ ପ୍ରଦର୍ଶନ କଲେ ସେଥିଅନ୍ତେ ଆପଣ ପ୍ରଭୁଙ୍କ ମାର୍ଗରେ ଶହୀଦ ହେଉଛନ୍ତି । ହଜ୍‌ରତ୍ ଉମର୍ ର:ଅ କହିଲେ, ମୋର ତ' ଏହି ଅଭିଳାଷ ରହିଛି ଯେ ଏହି କଥାଟି ଅକ୍ଷରେ ଅକ୍ଷରେ ସତ ହେଉ ମୋର କୌଣସି ହିସାବ କିତାବ ନ ହେଉ ଓ ନା ମତେ କୌଣସି ପୂଣ୍ୟ ମିଳୁ । ଯେତେବେଳେ ସେହି ଯୁବକଟି ସେଠାରୁ ଯିବାକୁ ଲାଗିଲା ସେତେବେଳେ ତାହାର ଲୁଙ୍ଗି ଭୂମିକୁ ସ୍ପର୍ଶ କରିବାକୁ ଲାଗିଲା । ହଜ୍‌ରତ୍ ଉମର୍ ର:ଅ କହିଲେ ସେହି ବାଳକଟିକୁ ମୋ ନିକଟକୁ ନେଇ ଆସ । ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ମୋର ପୁତୁରା ! ନିଜର ବସ୍ତ୍ରକୁ ସର୍ବଦା ଉଠାଇ ରଖ (ଅର୍ଥାତ ବସ୍ତ୍ରକୁ ଏଭଳି ଲମ୍ବା ରଖିବା ଗର୍ବ ଓ ଅହଙ୍କାରର ଚିହ୍ନ) ଏହା ଦ୍ୱାରା ତୁମର ବସ୍ତ୍ର ଅଧିକ ଦିନ ପର୍ଯ୍ୟନ୍ତ ଚାଲିବ ଓ ଭୂଇଁରେ ଘସି/ ଘୋଷାରୀ ହୋଇ ନଷ୍ଟ ହେବନାହିଁ ଏବଂ ଏହା ତୁମ ଅଲ୍ଲାଃ ତାଲାଙ୍କ ନିକଟରେ ମଧ୍ୟ ଧର୍ମ ପରାୟଣତାର ନିକଟବର୍ତୀ ଅର୍ଥାତ ବେଳେବେଳେ ବିନା କାରଣରେ ବି ମଣିଷ ମଧ୍ୟରେ ଗର୍ବ ସୃଷ୍ଟି ହୋଇଯାଏ ଲୋକମାନେ ସେ ସମୟରେ ଲମ୍ବା ବସ୍ତ୍ର ଏଥିପାଇଁ ପିନ୍ଧୁଥିଲେ ଯେ ଏହ ଧନୀ ଲୋକମାନଙ୍କର ସନ୍ତକ ଥିଲା । ତେଣୁ ହଜରତ ଉମର ର:ଅ କହିଲେ ଯେ ଏହା ଦ୍ୱାରା ଗର୍ବ ଅହଙ୍କାର ସୃଷ୍ଟି ନ ହେଉ । ଏପରି ଆପଣ ନିଜ ପୁତୁରାକୁ ଉପଦେଶ ଦେଇଥିଲେ ଓ ନିଜ ଓ ତାହାର କପଡ଼ାକୁ ସାଉଁଟିବାକୁ ତାକୁ କହିଥିଲେ କାରଣ ଏହା ଧର୍ମ ନିଷ୍ଠତାର ଖୁବ୍ ନିକଟବର୍ତୀ ଆଚରଣ ଓ ଉତ୍କୃଷ୍ଟତମ ମାର୍ଗ ।

ପୁନଶ୍ଚ ହଜ୍‌ରତ୍ ଉମର୍ ର:ଅ ନିଜ ପୁତ୍ର ଅବ୍‌ଦୁଲ୍ଲାଃ ବିନ୍ ଉମ୍‌ରୋକୁ କହିଲେ ଦେଖ ମୋ ଉପରେ କରଜ କେତେ ଅଛି ? ସେ ହିସାବ କରି ଦେଖିଲେ ଯେ ସେତେବେଳେ ତାହା ୮୬ ହଜାର ଦିର୍‌ହମ୍ କିମ୍ବା ତାହାର ପାଖାପାଖି ବା ସେତିକି ପରିମାଣର ରହିଥିଲା ଯାହା ତାଙ୍କୁ ଅର୍ଥାତ ହଜରତ ଉମର୍ ର:ଅଙ୍କୁ ପରିଶୋଧ କରିବାର ଥିଲା । ହଜ୍‌ରତ୍ ଉମର୍ ର:ଅ କହିଲେ, ଯଦି ଉମରଙ୍କ ଖାନ୍‌ଦାନ୍‌ର ସମ୍ପତି ଦ୍ୱାରା ତାହାର ପରିଶୋଧ ହୋଇଯାଇଛି, ତେବେ କରିଦିଅ ଅନ୍ୟଥା ଯଦି ସେହି ଋଣ ଓ କରଜ ପରିଶୋଧ କରିବାରେ ସମ୍ଭବ ହୋଇନପାରେ ତେବେ ବନୁ ଅଦି ବିନ୍ କାଆବ୍‌ଙ୍କଠାରୁ ମାଗି ତାହା ପରିଶୋଧ କରିବାକୁ ଚେଷ୍ଟା କରିବ । ଯଦି ତାଙ୍କର ସମ୍ପତି ମଧ୍ୟ ଉକ୍ତ ଋଣକୁ ପରିଶୋଧ କରିନପାରେ ତେବେ କୁରୈଶ୍‌ଙ୍କଠାରୁ ଟଙ୍କା ମାଗିବ ଓ ଏମାନଙ୍କ ବ୍ୟତିତ ଏହାପରେ ଆଉ କାହା ନିକଟକୁ ଯିବନାହିଁ । ତେଣୁ ମୋର ତୁମକୁ ଏତିକି ଅନୁରୋଧ ଯେ, ତୁମେମାନେ ମୋର ଋଣ ପରିଶୋଧ କରିଦେବ । ତୁମେ ବର୍ତମାନ ହଜରତ ଉମ୍ମୁଲ୍ ମୁମିନିନ୍ ହଜରତ ଆଇଶା ର:ଅଙ୍କ ନିକଟକୁ ଯାଅ ଏବଂ ତାଙ୍କୁ ଯାଇ କହିବ ଯେ ଉମର ଆପଣଙ୍କୁ ସଲାମ୍ ଜଣାଇଛନ୍ତି ଏବଂ ଅମୀରୁଲ୍ ମୁମିନିନ୍ କହିବ ନାହିଁ କାରଣ ଆଜି ମୁଁ ବିଶ୍ୱାସକାରୀଙ୍କ ଖଲିଫା ଭାବରେ ନୁହେଁ ବରଂ ମୁଁ ଉମର ବିନ୍ ଖତାବ୍ ତାଙ୍କଠାରୁ ଏହି ଅନୁମତି ଲୋଡୁଛି ଯେ ତାଙ୍କୁ ତାଙ୍କ ଦୁଇଜଣ ସାଥିଙ୍କ ସହିତ କବର ଦିଆଯାଉ ।

ବୁଖାରୀ ଶରହ୍ ଉମ୍‌ଦୁତୁଲ୍ କାରୀରେ ଉଲ୍ଲେଖ ରହିଛି ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ଏପରି କହିବାର ତାତ୍ପର୍ଯ୍ୟ ଏହା ଥିଲା ଯେ, ଯେତେବେଳେ ସେ ନିଜ ମୃତ୍ୟୁ ସମ୍ପର୍କରେ ଏହା ଜାଣିବାକୁ ପାଇଲେ ଯେ, ତାଙ୍କର ମୃତ୍ୟୁ ନିକଟତର ସେଥିପାଇଁ ସେ ହଜରତ ଆଇଶା ର:ଅଙ୍କ ନିକଟକୁ ଏହି ସନ୍ଦେଶ ଦେଇଥିଲେ ଯେ ତାଙ୍କଠାରୁ ଏହି ଅନୁମତି ହାସଲ କରାଯାଉ ଓ ଅମୀରୁଲ୍ ମୁମିନିନ୍ ଏହା କହିଛନ୍ତି ବୋଲି ଭୟଭୀତ ହୁଅନ୍ତୁ ନାହିଁ ସୁତରାଂ ହଜରତ ଅବ୍‌ଦୁଲ୍ଲାଃ ହଜରତ ଆଇଶା ର:ଅଙ୍କ ନିକଟକୁ ଗଲେ ଓ ହଜ୍‌ରତ୍ ଉମର୍ ର:ଅଙ୍କ ସଲାମ୍ ଜଣାଇଲେ ଓ ତାଙ୍କ ସନ୍ଦେଶ ଦେଲେ ଓ ତାଙ୍କଠାରୁ ଅନୁମତି ଲୋଡ଼ିଲେ ପୁନଶ୍ଚ ସେ ଭିତରକୁ ଗଲେ ଓ ଦେଖିଲେ ଯେ ହଜରତ ଆଇଶା ର:ଅ ବସି କାନ୍ଦୁଛନ୍ତି । ହଜରତ ଅବ୍‌ଦୁଲ୍ଲାଃ କହିଲେ ଉମର୍ ବିନ୍ ଖତାବ୍ ର:ଅ ଆପଣଙ୍କୁ ସଲାମ୍ କହିଛନ୍ତି ଏବଂ ତାଙ୍କୁ ତାଙ୍କର ଦୁଇ ସାଥିଙ୍କ ସହିତ କବର ଦେବାପାଇଁ ଅନୁମତି ଲୋଡ଼ିଛନ୍ତି । ହଜରତ ଆଇଶା ର:ଅ ଉତର ଦେଲେ ଉକ୍ତ ସ୍ଥାନଟିକୁ ମୁଁ ନିଜ ପାଇଁ ସଂରକ୍ଷଣ କରି ରଖିଥିଲି ଯେ ମତେ ସେଠାରେ କବର ଦିଆଯାଉ କିନ୍ତୁ ଆଜି ମୁଁ ନିଜ ଅସ୍ତିତ୍ୱ ଉପରେ ହଜ୍‌ରତ୍ ଉମର୍ ର:ଅଙ୍କୁ ପ୍ରାଧାନ୍ୟ ଦେଉଛି । ଯେତେବେଳେ ହଜରତ ଅବ୍‌ଦୁଲ୍ଲାଃ ର:ଅ ହଜରତ ଆଇଶା ର:ଅଙ୍କ ନିକଟରୁ ଫେରି ଆସିଲେ ଏବଂ ହଜରତ ଉମର ର:ଅଙ୍କୁ ଜଣାଇ ଦିଆଗଲା ଯେ ଅବ୍‌ଦୁଲ୍ଲାଃ ଆଇଶା ର:ଅଙ୍କ ନିକଟକୁ ଫେରି ଆସିଛନ୍ତି ବୋଲି । ହଜରତ ଉମର ର:ଅ କହିଲେ ମତେ ଉଠାଅ । ଅତଃ ଜଣେ ଲୋକ ତାଙ୍କୁ ସାହାରା ଦେଇ ଉଠାଇଲେ । ସେ ପଚାରିଲେ କ'ଣ ଖବର ଆଣିଛ ? ଅବ୍‌ଦୁଲ୍ଲା ବିନ୍ ଉମର୍ କହିଲେ ହେ ଅମୀରୁଲ୍ ମୁମିନିନ୍ ! ସେହି ଖବର ଆଣିଛି ଯାହା ଶୁଣି ଆପଣ ଖୁସି ହୋଇଯିବେ । ହଜରତ ଆଇଶା ର:ଅ ଏଥିପାଇଁ ଅନୁମତି ଦେଇଦେଲେ । ହଜ୍‌ରତ୍ ଉମର୍ ର:ଅଙ୍କୁ ଏହି ସୂଚନା ମିଳିବା ମାତ୍ରକେ ହଜ୍‌ରତ୍ ଉମର୍ ର:ଅ କହି ଉଠିଲେ, ଅଲ୍‌ହମ୍‌ଦୁଲିଲ୍ଲାଃ ମୋ ପାଇଁ ଏହି ପ୍ରସଙ୍ଗଟି ଅନ୍ୟ ସମସ୍ତ ପ୍ରସଙ୍ଗଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା ମୁଁ ଯେତେବେଳେ ମରିଯିବି ସେତେବେଳେ ମତେ ନେଇ ସେହି ସ୍ଥାନକୁ ନେଇଯିବ । ପୁଣି ସଲାମ୍ କହିବ ପୁଣି ଏହା କହିବ ଯେ ଉମର୍ ବିନ୍ ଖତାବ୍ ଅନୁମତି ମାଗୁଛି । ଯଦି ସେ ମତେ ଅନୁମତି ଦେବେ ତା'ହେଲେ ମତେ ହୁଜ୍‌ରା ଭିତରେ ନେଇ କବର ଦେବ । ଯଦି ସେ ମତେ ଫେରାଇ ଦିଅନ୍ତି ତା'ହେଲେ ମତେ ମୁସଲମାନମାନଙ୍କ କବରସ୍ତାନ୍‌ରେ ନେଇ କବର ଦେବ । ଉମର ବିନ୍ ଖତାବ୍ ଏହି ଅନୁମତି ମିଳିବା ପରେ ବହୁତ ପ୍ରସନ୍ନିତ ହେଲେ ଏବଂ ହଜରତ ଅବ୍‌ଦୁଲ୍ଲାଃ ଓ ଆଉ ଜଣଙ୍କ କାନ୍ଧରେ ହାତ ରଖି ଛିଡ଼ା ହୋଇଥିଲେ । ହଜରତ ଉମ୍ମୁଲ୍ ମୁମିନିନ୍ ହଜରତ ହଫ୍‌ସା ର:ଅ ନିଜ ପିତାଙ୍କୁ ଦେଖିବାକୁ ଆସିଲେ ଓ ଅନ୍ୟ ମହିଳାମାନେ ମଧ୍ୟ ସେମାନଙ୍କ ସହିତ ଆସିଲେ, ଆମେ ଯେତେବେଳେ ସେମାନଙ୍କୁ ଦେଖିଲୁ ସେଠାରୁ ଆମେମାନେ ଚାଲିଗଲୁ ସେ ତାଙ୍କ ନିକଟକୁ ଅର୍ଥାତ ଗୃହ ଭିତରକୁ ଗଲେ ଓ କିଛି କ୍ଷଣ ତାଙ୍କ ନିକଟରେ ବିଳାପ କଲେ ପୁନଶ୍ଚ ଯେତେବେଳେ କିଛି ପୁରୁଷ ବ୍ୟକ୍ତିମାନେ ଗୃହ ଭିତରକୁ ଆସିବାକୁ ଅନୁମତି ମାଗିଲେ ସେତେବେଳେ ହଜରତ ହଫ୍‌ସା ର:ଅ ସେହି ପୁରୁଷ ଲୋକମାନଙ୍କ ଆସିବା କ୍ଷଣି ଭିତରକୁ ଚାଲିଗଲେ ଏବଂ ଆମେମାନେ ଘର ଭିତରେ ତାଙ୍କର କାନ୍ଦିବାର ସ୍ୱରକୁ ଶୁଣିଲୁ । ଲୋକମାନେ ଏ କଥା କହିଲେ ଯେ, ହେ ଅମିରୁଲ୍ ମୁମିନିନ୍ ଆପଣ ୱସିୟତ୍ କରିଦିଅନ୍ତୁ ଯେ ଆପଣଙ୍କ ପରେ ପରବର୍ତୀ ଖଲିଫା କିଏ ହେବେ ? ସେ କହିଲେ ମୁଁ ଏଇ ପଦବୀ ପାଇଁ କେବଳ କିଛି ଲୋକଙ୍କ ବ୍ୟତିତ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଖିଲାଫତ୍ ପାଇଁ ଯୋଗ୍ୟ ମଣୁନାହିଁ । କାରଣ ରସୁଲୁଲ୍ଲାଃ ସ:ଆ:ସ ମୃତ୍ୟୁ ପର୍ଯ୍ୟନ୍ତ ସେମାନଙ୍କ ଉପରେ ପ୍ରସନ୍ନିତ ଥିଲେ ଅର୍ଥାତ ଏହି ଲୋକମାନଙ୍କ ଉପରେ ଆପଣ ସ:ଆ:ସ ପ୍ରସନ୍ନିତ ଥିଲେ । ସେ ହେଉଛନ୍ତି ହଜରତ ଅଲୀ ର:ଅ, ହଜରତ ଉସ୍‌ମାନ୍ ର:ଅ, ହଜରତ ଜୁବୈର୍ ର:ଅ, ହଜରତ ତଲ୍‌ହା ର:ଅ, ହଜରତ ସାଆଦ୍ ର:ଅ ଏବଂ ହଜରତ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଏବଂ କହିଲେ, ଅବ୍‌ଦୁଲ୍ଲାଃ ବିନ୍ ଉମର୍ ତୁମ ମଧ୍ୟରେ ଉପସ୍ଥିତ ରହିବେ କିନ୍ତୁ ଖିଲାଫତ୍‌ରେ ତାଙ୍କର କୌଣସି ଅଧିକାର ରହିବନାହିଁ । ଯଦି ଖିଲାଫତ୍ ପଦଟି ହଜରତ ସାଆଦ୍‌ଙ୍କୁ ପ୍ରାପ୍ତ ହୋଇଗଲା ତେବେ ସେ ହିଁ ଖଲିଫା ହୁଅନ୍ତୁ ନଚେତ ଯିଏ ବି ତୁମମାନଙ୍କ ମଧ୍ୟରୁ ଖଲିଫା ରୁପେ ମନୋନୀତ ହେବେ ସେ ହଜରତ ସାଆଦ୍‌ଙ୍କଠାରୁ ସାହାଯ୍ୟ ନେବେ ଅର୍ଥାତ ଯେ କୌଣସି ପ୍ରସଙ୍ଗ ଉପରେ କାର୍ଯ୍ୟକାରୀ କରିବା ପୂର୍ବରୁ ତାଙ୍କର ମନ୍ତବ୍ୟ ନେବେ କାରଣ ମୁଁ ତାଙ୍କୁ ଏଥିପାଇଁ ପଦଚ୍ୟୁତ କରିନଥିଲି ଯେ ସେ କୌଣସି କାର୍ଯ୍ୟ କରିବାକୁ ଅସମର୍ଥ ଥିଲେ ଓ ନା ଏଥି ସକାଶେ କରିଥିଲି ଯେ ସେ କୌଣସି ଅବମାନନା କରିଥିଲେ । ଆପଣ ର:ଅ କହିଲେ, ମୁଁ ସେହି ଖଲିଫାଙ୍କୁ ଯିଏ ମୋ ପରେ ଖଲିଫା ରୂପେ ମନୋନୀତ ହେବେ, ତାଙ୍କୁ ପ୍ରଥମେ ମୁହାଜିର୍‌ମାନଙ୍କ ସମ୍ବନ୍ଧରେ ୱସିୟତ୍ କରୁଅଛି ଯେ ସେ ସେମାନଙ୍କ ଅଧିକାରକୁ ଚିହ୍ନିବେ । ସେମାନଙ୍କ ମାନ ସମ୍ମାନକୁ ଧ୍ୟାନ ଦେବେ । ତଥା ଅନ୍‌ସାରମାନଙ୍କ ସହିତ ଉତମ ବ୍ୟବହାର କରିବା ପାଇଁ ମଧ୍ୟ ୱସିୟତ କରୁଅଛି, କାରଣ ଅନ୍‌ସାର୍‌ମାନେ ମଦିନାରେ ପୂର୍ବରୁ ରହି ଆସୁଥିଲେ ଏବଂ ମୁହାଜିର୍‌ମାନଙ୍କ ଆସିବା ପୂର୍ବରୁ ଇମାନ୍ (ବିଶ୍ୱାସ) ନେଇ ଆସିଥିଲେ । ସେମାନଙ୍କ ମଧ୍ୟରେ ଥିବା ପୂଣ୍ୟବାନମାନଙ୍କୁ ଗ୍ରହଣ କରାଯାଉ ଓ ଦୋଷୀମାନଙ୍କୁ କ୍ଷମା କରାଯାଉ । ଆରବର ଗାଉଁଲି ଲୋକମାନଙ୍କ ସହିତ ଓ ଅଭାବୀ ଲୋକମାନଙ୍କ ସହିତ ଉତମ ଆଚରଣ ପ୍ରଦର୍ଶନ କରିବାକୁ ୱସିୟତ କରୁଅଛି । ମୁଁ ସମସ୍ତ ନଗରବାସୀଙ୍କ ପ୍ରତି ସତ୍‌ବ୍ୟବହାର ତଥା ଉତମ ଆଚରଣ ପ୍ରଦର୍ଶନ କରିବାପାଇଁ ୱସିୟତ କରୁଛି କାରଣ ସେମାନେ ହେଉଛନ୍ତି ଇସ୍‌ଲାମ୍‌ର ପୃଷ୍ଠପୋଷକ ଏବଂ ଅର୍ଥ ପ୍ରାପ୍ତିର ମୂଖ୍ୟ ମାଧ୍ୟମ ତଥା ଉତ୍ସ । ସେମାନେ ଶତ୍ରୁକୁ ଦୁଃଖ ପହଂଚାଇବାରେ ଆମକୁ ସାହାଯ୍ୟ କରିଛନ୍ତି । ତେଣୁ ସେମାନଙ୍କ ପରାମର୍ଶ କ୍ରମେ ସେମାନଙ୍କଠାରୁ ସେତିକି ହିଁ ନିଆଯାଉ ଯାହା ସେମାନଙ୍କର ଆବଶ୍ୟକତା ଠାରୁ ବଳିପଡୁଥିବ । ମୁଁ ଆସନ୍ତା ଖଲିଫାଙ୍କୁ ଆରବର ପଲ୍ଲୀବାସୀଙ୍କ ସହିତ ପୂଣ୍ୟ କରିବାକୁ ୱସିୟତ କରୁଛି କାରଣ ସେହି ପଲ୍ଲୀବାସୀମାନେ ହେଉଛନ୍ତି ଆରବର ମୂଳ ପିଣ୍ଡ । ଇସ୍‌ଲାମ୍ ଧର୍ମର ସେମାନେ ହେଉଛନ୍ତି ମୂଖ୍ୟ ବୀଜ କାରଣ ସେମାନଙ୍କ ସମ୍ପତିରୁ ଯାହା କିଛି ଅତିରିକ୍ତ ଭାବରେ ନିଆଯାଉ ଓ ତାହା ଅଭାବୀ ତଥା ଦରିଦ୍ରମାନଙ୍କର କାର୍ଯ୍ୟରେ ବିନିଯୋଗ କରାଯାଉ ଏବଂ ମୁଁ ସେମାନଙ୍କୁ ଏ ୱସିୟତ କରୁଅଛି ଯେ ସେମାନେ ଅଲ୍ଲାଃଙ୍କ ପ୍ରତି

ଥିବା କର୍ତବ୍ୟ ଓ ରସୁଲଙ୍କ ପ୍ରତିଥିବା କର୍ତବ୍ୟକୁ ସମ୍ପାଦନ କରନ୍ତୁ । ସୁତରାଂ ଏହାପରେ ହଜ୍‌ରତ୍ ଉମର୍ ର:ଅଙ୍କର ଯେତେବେଳେ ବିୟୋଗ ହେଲା, ଆମେ ତାଙ୍କୁ ଧରି ପାଦରେ ଚାଲି ଚାଲି ବାହାରକୁ ନେଲୁ ସେତେବେଳେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅ ହଜରତ ଆଇଶା ର:ଅଙ୍କୁ ଅସ୍ ସଲାମୁ ଅଲୈକୁମ୍ ଓ୍ୱ ରହମତୁଲ୍ଲାଃ ହି ଓ୍ୱ ବରକାତୁହୁ କହିଲେ ଏବଂ କହିଲେ ଉମର୍ ବିନ୍ ଖତାବ୍ ଆପଣଙ୍କଠୁ ଅନୁମତି ଲୋଡୁଛନ୍ତି ତାଙ୍କୁ ଭିତରକୁ ନିଆଯାଉ । ସୁତରାଂ ତାଙ୍କୁ ଭିତରକୁ ନିଆଗଲା ଏବଂ ସେଠାରେ ତାଙ୍କ ଦୁଇ ସାଥିଙ୍କ ସହିତ ତାଙ୍କୁ କବର ଦିଆଗଲା (ଅର୍ଥାତ ହଜୁର ସ:ଆ:ସ, ହଜରତ ଅବୁବକର ର:ଅଙ୍କ ସାଥିରେ) ତାଙ୍କର ଅନ୍ତ୍ୟେଷ୍ଟିକ୍ରୀୟା ସେଠାରେ ସମାପନ ହେଲା । ସେଥିଅନ୍ତେ ହଜ୍‌ରତ୍ ଉମର୍ ର:ଅ ଯେଉଁ ସାହାବିମାନଙ୍କର ନାମ ନେଇଥିଲେ ସେମାନେ ଖିଲାଫତ୍ ସକାଶେ ଏକତ୍ରିତ ହେଲେ । ଏହାପରେ ପରବର୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା । ***(ସହି ବୁଖାରୀ......... ହଦିସ୍ ନଂ-୩୭୦୦) (ଉମ୍‌ଦତୁଲ୍ କାରୀ, ଶରହ୍ ସହି ବୁଖାରୀ, ଖଣ୍ଡ-୧୬, ପୃ-୨୯୨..... ବେରୁତ ୨୦୦୧) (ଲୁଗାତୁଲ୍ ହଦିସ୍, ଖଣ୍ଡ-୧, ପୃ-୧୩୭...... ଲାହୋର ୨୦୦୫)***

ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀର ଆଲୋଚ୍ୟ ଚର୍ଚ୍ଚାଟି ବର୍ତମାନ ଅବ୍ୟାହତ ରହିଛି ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃ ତାଲା ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

ଆଜିଠୁ ଜର୍ମାନୀ ଜଲ୍‌ସା ସାଲାନା ଆରମ୍ଭ ହେଉଛି ଅଲ୍ଲାଃ ତାଲା ଏହି ଜଲ୍‌ସାକୁ ମଙ୍ଗଳପ୍ରଦ କରନ୍ତୁ । ଅଧିକରୁ ଅଧିକ ଜର୍ମାନୀ ଅହେମଦୀଙ୍କୁ ତହିଁରୁ ଲାଭାନ୍ୱିତ ହେବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଜଲ୍‌ସା ଦୁଇଦିନ ଧରି ଆୟୋଜିତ ହେବ । କାଲି ଇନ୍‌ଶାଅଲ୍ଲାଃ ତାଲା ସମାପନ ଅଧିବେଶନ ହେବ ଜହିଁରେ ମୁଁ ଉଦ୍‌ବୋଧନ ଦେବି । ଯାହାକୁ ଏଠିକାର ସମୟ ଅର୍ଥାତ ଠିକ୍ ୩.୩୦ରେ ଏମ୍‌ଟିଏ ମାଧ୍ୟମରେ ପ୍ରସାରଣ କରାଯିବ । ଜଲ୍‌ସାର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆଜିଠାରୁ ଲାଇଭ୍ ଷ୍ଟ୍ରିମିଂ ମାଧ୍ୟମରେ ଜର୍ମାନୀ ଲୋକଙ୍କ ପାଇଁ ପ୍ରସାରିତ କରାଯିବ । ଯାହାକୁ ଜର୍ମାନୀବାସୀମାନେ ଦେଖିପାରିବେ ତେଣୁ ଆପଣମାନେ ଚେଷ୍ଟା କରନ୍ତୁ ଯେ ଆପଣମାନେ ତହିଁରୁ ଅଧିକରୁ ଅଧିକ ମାତ୍ରାରେ ଲାଭାବାନ ହୋଇପାରିବେ । ନମାଜ ପରେ ମୁଁ ଦୁଇଟି ନମାଜ ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇବି ସେମାନଙ୍କର କିଛି ଚର୍ଚ୍ଚା ମଧ୍ୟ କରିଦେଉଛି ।

ପ୍ରଥମ ଯନାଜାଃ ହେଉଛି ଇଣ୍ଡୋନେସିଆର ମୁବଲିଗ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ କମରୁଦ୍ଦିନ୍ ସାହେବଙ୍କର, ଯାହାଙ୍କର ବିଗତ ଦିନରେ ୬୫ ବର୍ଷ ବୟସରେ ବିୟୋଗ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସେ ପନ୍ଦର ବର୍ଷ ବୟସରେ ୧୯୭୨ ମସିହାରେ ବୟତ କରିଥିଲେ । ପ୍ରାଥମିକ ଶିକ୍ଷା ପରେ ନିଜର ଜୀବନକୁ ସେ ସିଲ୍‌ସିଲା ପାଇଁ ଉତ୍ସର୍ଗ କରିଦେଇଥିଲେ ଏହାପରେ ସେ ଧାର୍ମିକ ଶିକ୍ଷା ପାଇଁ ପାକିସ୍ତାନ ଚାଲି ଆସିଥିଲେ । ଜୁନ୍ ମାସ ୩୦ ତାରିଖ ଦିନ ୧୯୮୬ ମସିହାରେ ସେ ଶାହିଦ୍ ଡ଼ିଗ୍ରୀ ପ୍ରାପ୍ତ କରି ମୁବଲ୍ଲିଗ୍ ରୂପେ ନିଯୁକ୍ତ ହୋଇଥିଲେ । ଅତ୍ୟନ୍ତ ମଧୂର ଓ ଲଳିତ ସ୍ୱରରେ ପବିତ୍ର କୁର୍‌ଆନ୍‌ର ତିଲାଓ୍ୱତ କରୁଥିଲେ । ସେ ସିଲ୍‌ସିଲାର ଜଣେ ନୈଷ୍ଟିକ ତଥା ନିର୍ଭିକ ସେବକ ଥିଲେ । ତାଙ୍କର ସିଲ୍‌ସିଲା ପ୍ରତି ସେବା ପ୍ରାୟ ୩୫ ବର୍ଷ ଧରି ପରିବ୍ୟାପ୍ତ ରହିଛି । ତାଙ୍କର ପତ୍ନୀ କୁହନ୍ତି ; ମୋ ସ୍ୱର୍ଗତ ସ୍ୱାମୀ ମତେ ସର୍ବଦା ଏହା କହୁଥିଲେ ଯେ ତୁମେ କେବଳ ମୁବଲିଗ୍ ସିଲ୍‌ସିଲାଙ୍କର ପତ୍ନୀ ନୁହନ୍ତି ବରଂ ତୁମକୁ ଜମାତ୍‌ର ସେବାକାର୍ଯ୍ୟରେ ମଧ୍ୟ ସମସ୍ତଙ୍କ ଆଗରେ ରହିବା ଉଚିତ । ସେ ଖିଲାଫତ ପ୍ରତି ଆଜ୍ଞାନୁବର୍ତୀ ତଥା ଖିଲାଫତ୍‌କୁ ବହୁତ ଭଲ ପାଉଥିଲେ । ପୁନଶ୍ଚ ସେ ଉଲ୍ଲେଖ କରନ୍ତି ତାଙ୍କର ଖିଲାଫତ ପ୍ରତି ଆଜ୍ଞାନୁବର୍ତୀ ଓ ପ୍ରେମ ଅସାଧାରଣ ସ୍ତରର ଥିଲା । ସେ ବଡ଼ ଓ ସାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରୁଥିଲେ । ଯେତେବେଳେ ବି ସେ କୌଣସି ଅହେମଦି ସହିତ ବାର୍ତାଳାପ କରୁଥିଲେ ସେତେବେଳେ ସର୍ବଦା ଯମାତ୍ ସହିତ ପ୍ରେମ ଓ ବିଶ୍ୱସ୍ତତା କରିବାପ୍ରତି ଲୋକମାନଙ୍କୁ ଅନୁପ୍ରାଣିତ କରୁଥିଲେ । ସେ ଅହେମଦୀମାନଙ୍କୁ ଯମାତ୍‌ର ଅଧିକରୁ ଅଧିକ ସେବା କରିବା ପ୍ରତି ଉତ୍ସାହିତ କରୁଥିଲେ । ଯେତେବେଳେ ବି କୌଣସି ଅଣଅହେମଦୀ ସହିତ ସାକ୍ଷାତ କରୁଥିଲେ ସେତେବେଳେ ତାଙ୍କୁ ତବ୍‌ଲିଗ୍ ନିଶ୍ଚିତ କରୁଥିଲେ, ଯମାତର ବାର୍ତା ପ୍ରଦାନ କରୁଥିଲେ ଓ ସେହି ସମୟରେ ତାଙ୍କ ସହିତ ଯମାତ୍‌ର ଶିକ୍ଷା ସମ୍ବନ୍ଧରେ ଆଲୋଚନା କରୁଥିଲେ ଯଦ୍ୱାରା ଅନ୍ୟମାନେ ମଧ୍ୟ । ତାଙ୍କର ଏହି ସବୁ ସୁନ୍ଦର କଥାମାନ ଶୁଣି ଆନନ୍ଦିତ ହେଉଥିଲେ । ବିମାର ଓ ଅସୁସ୍ଥତା ଥିବା ସମୟରେ ମଧ୍ୟ ସେ ଫଜରର ଦୁଇଘଂଟା ପୂର୍ବେ ଗୋଟିଏ ନମାଜ ତହଜ୍ଜୁଦ୍ ପାଠ କରୁଥିଲେ, ପବିତ୍ର କୁର୍‌ଆନ୍‌ର ତିଲାଓ୍ୱତ କରୁଥିଲେ । ଏହାପରେ ଯେତେବେଳେ ପର୍ଯ୍ୟନ୍ତ ତାଙ୍କ ମଧ୍ୟରେ ଶକ୍ତି ରହିଥିଲା ସେ ପର୍ଯ୍ୟନ୍ତ ପାଦରେ ଚାଲି ଚାଲି ମସଜିଦ ଆସୁଥିଲେ । ତାଙ୍କର ସୁପୁତ୍ର ଉମର ଫାରୁକ ମଧ୍ୟ ମୁବଲିଗ୍ ସିଲ୍‌ସିଲା ଅଟନ୍ତି ଓ ଜାମିୟା ଅହେମଦିୟା ଇଣ୍ଡୋନେସିଆରେ ଅଧ୍ୟାପକ ଅଛନ୍ତି । ସେ କୁହନ୍ତି ଘରେ ଓ ବାହାରେ ମଧ୍ୟ ଚାଲୁଥିବା ସମୟରେ ବେଳେବେଳେ ପବିତ୍ର କୁର୍‌ଆନ୍ କରିମ୍‌ର କୌଣସି ନା କୌଣସି ଅଂଶକୁ ସୁମଧୂର ସ୍ୱରରେ ଆବୃତି କରୁଥିଲେ । ହଜରତ ମସିହ ମଉଦ ଆ:ସଙ୍କ ପୁସ୍ତକଗୁଡ଼ିକର ଅନୁବାଦ ଓ ରିଭ୍ୟୁ କାର୍ଯ୍ୟ ମଧ୍ୟ ସେ କରୁଥିଲେ । ଉକ୍ତ ଅବଧି ମଧ୍ୟରେ ବିଶେଷ କରି ଯେତେବେଳେ ସେ ଅନୁବାଦର କାର୍ଯ୍ୟ କରୁଥିଲେ ସେତେବେଳେ ବହୁତ କସିଦା ପାଠ କରୁଥିଲେ । ହଜୁର ସ:ଆ:ସଙ୍କ ଘଟଣାବଳୀ ସମ୍ପର୍କରେ ଯେତେବେଳେ ବର୍ଣ୍ଣନା କରୁଥିଲେ ସେତେବେଳେ ତାଙ୍କ ଆଖିରେ ଲୁହ ଝରି ଆସୁଥିଲା । ସେ କୁହନ୍ତି ଯେ, ମୋ ପିତା ଅନେକ ସମୟରେ ମତେ ଅହେମଦୀମାନଙ୍କ ଅଗ୍ନୀ ପରୀକ୍ଷା ଓ ଦୁଃଖଯନ୍ତ୍ରଣା ଓ ବଳିଦାନ ସମ୍ପର୍କ ଘଟଣାର ଆଲୋଚନା କରି ଶୁଣାଉଥିଲେ । ଉକ୍ତ ଘଟଣାମାନ ସହିତ ନିଜର ବ୍ୟକ୍ତିଗତ ଅନୁଭୁତି ମଧ୍ୟ ବର୍ଣ୍ଣନା କରୁଥିଲେ ଯେ, ସେ କିଭଳି ଦୁଃଖକଷ୍ଟ ସହ୍ୟ କରିଥିଲେ ।

ତାଙ୍କର କନିଷ୍ଠ ପୁତ୍ର ଜଫ଼ରୁଲ୍ଲା ସାହେବ କୁହନ୍ତି; ସ୍ୱର୍ଗତ ପିତାଶ୍ରୀ ଅତ୍ୟନ୍ତ ଉଚ୍ଚାଭିଳାଷୀ, ସାହାସି ବ୍ୟକ୍ତି ଥିଲେ । ଅତ୍ୟନ୍ତ ସରଳ ଜୀବନଯାପନ କରୁଥିଲେ । ମିତବ୍ୟୟତାକୁ ସର୍ବଦା ଅଗ୍ରାଧିକାର ଦେଉଥିଲେ, ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କ ସ୍ତରକୁ ଉନ୍ନିତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସବିହା ହାରୁନ୍ ସାହେବଙ୍କର । ସେ ସୁଲ୍‌ତାନ୍ ହାରୁନ୍ ସାହେବଙ୍କର ପତ୍ନୀ ଥିଲେ, ବିଗତ ଦିନରେ ୭୩ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ* । ସବିହା ହାରୁନ୍ ସାହେବଙ୍କ ବଂଶରେ ଅହେମଦିୟତ୍ ତାଙ୍କ ପିତାଙ୍କ ବୟତ ମାଧ୍ୟମରେ ଆସିଥିଲା । ତାଙ୍କ ପିତା ସ୍ୱୟମ ଗବେଷଣା କରି ୧୮ ବର୍ଷ ବୟସରେ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ହସ୍ତରେ ବୟତ କରିଥିଲେ । ପୁନଶ୍ଚ ଏହାପରେ ତାଙ୍କର ଦଦା (ଜେଜେ) ନିଜ ପୁତ୍ରଙ୍କ ଅହେମଦୀୟତ୍ ଗ୍ରହଣ କରିବା ପରେ ବୟତ କରିଥିଲେ । ଅଲ୍ଲାଃ ତାଲା ତାଙ୍କୁ ତିନୋଟି ପୁତ୍ର ଓ ତିନୋଟି କନ୍ୟା ସନ୍ତାନ ପ୍ରଦାନ କରିଥିଲେ । ତାଙ୍କର ଗୋଟିଏ ପୁତ୍ର ହଜରତ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ଜ୍ୱାଇଁ ଅଟନ୍ତି । ତାଙ୍କର ଜୈଷ୍ଟପୁତ୍ର ସୁଲ୍‌ତାନ୍ ମୁହମ୍ମଦ ଖାନ୍ ସାହେବ କୁହନ୍ତି; ମୋର ମାତାଙ୍କ ବଡ଼ ପୁଅ ଦୁଇବର୍ଷ ବୟସରେ ପ୍ରାଣ ହରାଇଥିଲେ । ହଜରତ ଖଲିଫତୁଲ ମସିହ ସାଲିସ୍ ର:ଅ ଯନାଜାଃ ଅବସରରେ କହିଥିଲେ, ଅଲ୍ଲାଃ ତାଲା ଆପଣଙ୍କୁ ଏହାର ଉତମ ପ୍ରତିଫଳ ସ୍ୱରୁପ ଏକ ପୁତ୍ର ପ୍ରଦାନ କରିବେ ଯିଏ ଅତ୍ୟନ୍ତ ସୁନ୍ଦର ତଥା ଦୀର୍ଘାୟୁ ହେବ । ହଜରତ ଖଲିଫତୁଲ ମସିହ ସାଲିସ୍ ର:ଅ ତାଙ୍କ ସ୍ୱାମୀ ମଲକ ସୁଲ୍‌ତାନ୍ ସାହେବଙ୍କୁ ଏକଥା କହିଥିଲେ ଯେ ମୁଁ ତାକୁ (ଅର୍ଥାତ ସେହି ପୁତ୍ରକୁ) ତୁମ କାନ୍ଧ ନିକଟରେ ଯୁବକ ରୂପେ ଛିଡ଼ା ହୋଇଥିବାର ଦେଖୁଅଛି । ପୁନଶ୍ଚ ତାଙ୍କର ସୁପୁତ୍ର ସୁଲ୍‌ତାନ ଅହେମଦ୍ ଖାନ୍ ସାହେବ କୁହନ୍ତି ମୋର ଏହି ସୌଭାଗ୍ୟ ଯେ, ମୁଁ ବାଲ୍ୟକାଳରୁ ଆଜି ପର୍ଯ୍ୟନ୍ତ ଅଧିକାଂଶ ସମୟ ମୋ ମାତାଙ୍କ ସହିତ ଅତିବାହିତ କରିଛି । ସେ ଅତି ସ୍ନେହମୟୀ ଓ ଦୋଷକୁ କ୍ଷମା କରିଦେଉଥିବା ମହିଳା ଥିଲେ । ସେ କେବେ ବି କାହାରି ଚୁଗୁଲି କରୁନଥିଲେ । ତାଙ୍କର ସୁପୁତ୍ରୀ ମେହମୁଦା ସୁଲ୍‌ତାନା ସାହେବା କୁହନ୍ତି ମୋର ମାତା ଜଣେ ପୂଣ୍ୟବତୀ, ସଦାଚାରୀ ଓ ଉତମ ସ୍ୱଭାବି, ନୀରବ ସ୍ୱଭାବି ଏବଂ ଅନେକ ସୁଗୁଣର ଅଧିକାରିଣୀ ଥିଲେ । ସିଲ୍‌ସିଲାର ପ୍ରକୃତ ପ୍ରେମିକା ଓ ଖିଲାଫତକୁ ଭଲ ପାଉଥିବା ମହିଳା ଥିଲେ । ସେ ଉତମ ସ୍ୱଭାବ ଓ ପ୍ରିୟଜନ ପୋଷଣକାରୀ ମହିଳା ଥିଲେ । ତାଙ୍କର ଆତିଥ୍ୟତା ଆମ ଭବଂଶରେ ସମ୍ପୁର୍ଣ୍ଣ ରୂପେ ବିଖ୍ୟାତ ତଥା ସୁପ୍ରଶିଦ୍ଧ ଥିଲା । ସେ କାହାରି ଅମଙ୍ଗଳ କାମନା କରୁନଥିଲେ, ମନ କଷ୍ଟ ହେଲା ଭଳି କଥା କହୁନଥିଲେ । ସେ ପରର ଚୁଗୁଲି କରିବାକୁ ବହୁତ ନାପସନ୍ଦ କରୁଥିଲେ । ଆମମାନଙ୍କୁ ସର୍ବଦା ତହିଁରୁ ନିବୃତ ରହିବାକୁ ଅନୁପ୍ରାଣିତ କରୁଥିଲେ ଯଦି ଏଭଳି କୌଣସି ଆସର ଯେଉଁଠି ଚୁଗୁଲି ହେଉଥିଲା ସେ ସେହି ସ୍ଥାନରୁ ଉଠି ଚାଲି ଯାଉଥିଲେ ଏବଂ ତାଙ୍କ ମୁଖ ମଣ୍ଡଳ ଉପରେ ଅସହ୍ୟର ଭାବ ପ୍ରକଟ ହେଉଥିଲା । ସେ ସର୍ବଦା କ୍ଷମା ଆଚରଣ କରୁଥିଲେ, ମୋର ପିତାଙ୍କ ଉପରେ ମରଣାତ୍ମକ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ସେ କେବେବି ଅଭିଷାପ ଦେଇନଥିଲେ, ସର୍ବଦା କହୁଥିଲେ ମୁଁ ଦୁଆ କରୁଛି ଅଲ୍ଲାଃ ତାଲା ତାଙ୍କର ସଠିକ୍ ମାର୍ଗଦର୍ଶନ କରନ୍ତୁ । ସେ ନିଜ ହୃଦୟରେ ଅଭାବୀ ଲୋକମାନଙ୍କ ପାଇଁ ଓ ରୋଗୀମାନଙ୍କ ସକାଶେ ବିଶେଷ ରୂପେ ବିନମ୍ରତା ଭାବ ପ୍ରଦର୍ଶନ ରଖୁଥିଲେ । ସେମାନଙ୍କୁ ଏହିପରି ଭାବେ ସାହାଯ୍ୟ କରୁଥିଲେ ଯେ, ବାମ ପାର୍ଶ୍ୱର ହସ୍ତ ମଧ୍ୟ ତା ସମ୍ପର୍କରେ ଜାଣି ପାରୁନଥିଲା । ଅର୍ଥାତ ଏଭଳି ନୀରବ ଭାବରେ ସେ ଲୋକମାନଙ୍କର ସାହାଯ୍ୟ ସହଯୋଗ କରୁଥିଲେ ଯେ ଅନ୍ୟମାନେ ତାହା ଜାଣିପାରୁ ନଥିଲେ । ତାଙ୍କର ଦ୍ୱିତୀୟ ସୁପୁତ୍ରୀ ଓ୍ୱଜିହା ସାହେବା କୁହନ୍ତି ସ୍ୱର୍ଗତ ମାତା ଜଣେ ନୀରବ ସ୍ୱଭାବି ବ୍ୟକ୍ତିତ୍ୱର ଅଧିକାରିଣୀ ଥିଲେ, ସେ ଅତ୍ୟଧିକ ଦାନ ଦକ୍ଷିଣା କରୁଥିଲେ, ସେ ଗୁପ୍ତରେ ଦାନ ଦକ୍ଷିଣା କରୁଥିଲେ ଏବଂ ତାହାର ଚର୍ଚ୍ଚା କରିବାକୁ ନାପସନ୍ଦ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଆପଣମାନେ ପ୍ରତ୍ୟେକ ଅହେମଦୀମାନଙ୍କ ସହିତ ନିଜ ସମ୍ପର୍କ ସ୍ଥାପନ କରନ୍ତୁ । ଯଦି ଅହେମଦୀମାନଙ୍କ ମଧ୍ୟରେ ଆପୋଷରେ ମତାନ୍ତର ଓ ମନାନ୍ତର ଥାଏ, ସେ ସବୁ ସମସ୍ୟାକୁ ଆପଣମାନେ ଦୂର କରିବେ । ଲୋକମାନଙ୍କୁ ବୁଝାନ୍ତୁ ଯେ ଆମେ ହେଉଛେ ମୋମିନ୍ (ବିଶ୍ୱାସକାରୀ) ଏବଂ ମୋମିନ୍‌ମାନେ ଆପୋଷରେ ଭାଇ ଭାଇ ହୋଇଥାଆନ୍ତି, ସେଠାରେ ପ୍ରତ୍ୟେକ ଅହେମଦୀଙ୍କୁ ଭାଇଚାରା ଓ ସଦ୍‌ଭାବନାର ସହିତ ମିଳିମିଶି ରହିବା ପାଇଁ ଧ୍ୟାନ ଆକର୍ଷଣ କରାନ୍ତୁ । ଯଦି କୌଣସି ପ୍ରକାରର ଅପ୍ରସନ୍ନତା ଓ ମତଭେଦ ରହିଥାଏ ତା'ହେଲେ ସେ ସବୁକୁ ଦୂର କରନ୍ତୁ । ଲୋକମାନଙ୍କ ସହିତ ସୁସମ୍ପର୍କ ସ୍ଥାପନ କରନ୍ତୁ ଯଦ୍ୱାରା ଲୋକମାନେ ମଧ୍ୟ ଆପଣଙ୍କୁ ଭଲ ପାଇବେ । ଏହିପରି ଯଦି ଆପଣ ସେମାନଙ୍କୁ କିଛି କଥା କହିବେ, କିଛି ଉପଦେଶ ଦେବେ ସେତେବେଳେ ସେମାନେ ଆପଣଙ୍କର କଥା ମାନିବେ । ସେହିପରି ଆପଣମାନେ ଯୁଗ ଖଲିଫାଙ୍କ ସହିତ ନିୟମିତ ଯୋଗାଯୋଗ ସ୍ଥାପନ କରି ରଖିବେ । ନିଜର ମାସିକ ରିପୋର୍ଟ ବ୍ୟତୀତ ପ୍ରତ୍ୟେ ମାସରେ ମୋ ନିକଟକୁ ଗୋଟିଏ ନିଜସ୍ୱ ଚିଠି ଲେଖନ୍ତୁ ଫଳତଃ ଏହା ଜଣାପଡ଼ିବ ଯେ ମୂରବୀ ସାହେବ କିପରି କାମ କରୁଛନ୍ତି ? ସେହିପରି ଲୋକମାନଙ୍କ ମନରେ ଏକଥା ସଂଚାର କରିଦିଅନ୍ତୁ ଯେ ସେମାନେ ଯୁଗ ଖଲିଫାଙ୍କ ସହିତ ନିୟମିତ ସମ୍ପର୍କ ଓ ଯୋଗାଯୋଗ ସ୍ଥାପନ କରିବେ । ଯେବେଠାରୁ ଏଠାରେ ଇଣ୍ଡୋନେସିଆନ୍ ଡ଼େସ୍କ (INDONESIAN DESK) ସ୍ଥାପନ କରାଗଲାଣି ବହୁ ସଂଖ୍ୟାରେ ମୋ ନିକଟକୁ ଚିଠି ଲେଖୁଛନ୍ତି ଓ ସେହି ଚିଠିଗୁଡ଼ିକ ସେଠାରୁ ଅନୁବାଦ ହୋଇ ମୋ ନିକଟରେ ପହଂଚିଥାଉଛି । ପୁଣି ଲୋକମାନଙ୍କର ଧ୍ୟାନ ଆକର୍ଷଣ କରାନ୍ତୁ ଯେ ସେମାନେ ପ୍ରତ୍ୟେକ ସପ୍ତାହରେ ପ୍ରସାରଣ ହେଉଥିବା ଖୁତ୍‌ବ ଜୁମା ଶୁଣନ୍ତୁ ଓ ସେହି ଖୁତ୍‌ବାରେ ଯେଉଁ ଉପଦେଶ ଦିଆଯାଉଅଛି, ସେହି ଉପଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଚେଷ୍ଟା କରନ୍ତୁ । ସର୍ବପ୍ରଥମେ ମୁରବୀ ସାହେବ୍ ନିଜେ ତା'ପରେ ପୁଣି ଜମାତ୍‌ର ଲୋକେ । ଠିକ୍ ଅଛି ! ***(ଜହିର୍ ଅହ୍‌ମଦ୍ ଖାନ୍, ଇନ୍‌ଚାର୍ଜ ରେକର୍ଡିଂ ବିଭାଗ୍ ପି.ଏସ୍ କାର୍ଯ୍ୟାଳୟ ଲଣ୍ଡନ)***

***(ଅଖବାର ଅଲ୍‌ଫଜଲ ଇଂଟରନ୍ୟାସନାଲ୍ ୧୮ ଡ଼ିସେମ୍ବର ୨୦୨୦ଙ୍କୁ ଧନ୍ୟବାଦ)***

**ପ୍ରଶ୍ନ:-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଏହା ଲେଖି ଜଣାଇଲେ ଯେ ମତେ ଏହା ଜାଣି ବହୁତ ଧକ୍କା ଲାଗିଲା ଯେ ଇସ୍‌ଲାମ୍ ଶତୃପକ୍ଷର ମହିଳାମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରିବା ପାଇଁ ଏବଂ ସେମାନଙ୍କୁ ବିକ୍ରି କରିବା ପାଇଁ ଅନୁମତି ଦେଇଥାଏ । ଏକଥା ମୋତେ ହତୋତ୍ସାହିତ କରିଦେଇଛି । ପୁଣି ହଜରତ ମସିହ୍ ମଉଦ୍ ଆ:ସଙ୍କ ବୟତ ପରେ ମୋର ଏ ଆଶା ଥିଲା ଯେ ଆପଣ ଆ:ସ ଏହି ବିଷୟକୁ ଖଣ୍ଡନ କରିବେ ଏବଂ ଇସ୍‌ଲାମ୍‌କୁ ସେହି ଦୃଷ୍ଟିକୋଣରୁ ମୁକ୍ତ କରିବେ କିନ୍ତୁ ଏମିତି କିଛି ପାଇଲି ନାହିଁ । ହଜୁର ଅନଓ୍ୱର ଅ:ବ:ଅ ତା ୦୩.୦୩.୨୦୧୮ ରିଖି ଦିନ ଲିଖିତ ନିଜର ଗୋଟିଏ ଚିଠିରେ ଏହି ପ୍ରଶ୍ନର ଉତର ପ୍ରଦାନ କରିଛନ୍ତି: ହଜୁର ଅନଓ୍ୱର ଅ:ବ:ଅ କହିଲେ:

**ଉତର:-** ଅସଲ କଥା ହେଉଛି ଏହା କି ଏହି ପ୍ରସଙ୍ଗଟିକୁ ଭଲ ଭାବରେ ସ୍ପଷ୍ଟ ନ ହେବା ଯୋଗୁଁ ଅନେକ ଭୁଲ ବୁଝାମଣା ସୃଷ୍ଟି ହୋଇଯାଇଛି । ଏହି ଭୁଲ ଓ ତ୍ରୁଟିର ଖଣ୍ଡନ ହଜରତ ମସିହ୍ ମଉଦ୍ ଆ:ସ ନିଜର ଲେଖା ମାଧ୍ୟମରେ କରିଛନ୍ତି । ସେହିପରି ହଜରତ ମସିହ ମଉଦ ଆ:ସଙ୍କ ଖଲିଫାମାନେ ମଧ୍ୟ ଅବସର ଦେଖି ସମୟେ ସମୟେ ଖଣ୍ଡନ କରିଛନ୍ତି ଓ ଅସଲ ଶିକ୍ଷାକୁ ଉପସ୍ଥାପନ କରିଛନ୍ତି ।

ପ୍ରଥମ କଥା ହେଉଛି ଇସ୍‌ଲାମ୍ ଶତୃପକ୍ଷକ ଉପରେ ବିଜୟ କରିବା ପରେ ଶତୃପକ୍ଷର ବନ୍ଦୀ ମହିଳାମାନଙ୍କୁ କେବଳ ଏଥିପାଇଁ ଦାସି ବନାଇ ନଥାଏ ଯେ ସେମାନେ ଶତୃପକ୍ଷର ମହିଳା ତେଣୁ ସେମାନଙ୍କୁ ଧରି ଦାସି ବନାଇ ନିଅ । ନୁହେଁ ।

ଇସ୍‌ଲାମ୍‌ର ଶିକ୍ଷା ହେଉଛି ଏହା କି ଯେ ପର୍ଯ୍ୟନ୍ତ ଯୁଦ୍ଧରେ ରକ୍ତପାତ ନ ହୋଇଛଇ ସେ ପର୍ଯ୍ୟନ୍ତ କାହାକୁ କଏଦି କରାଯାଇପାରିବ ନାହିଁ । ପବିତ୍ର କୁର୍‌ଆନ୍‌ରେ ଅଲ୍ଲାଃ ତାଲା ଏହା କହିଛନ୍ତି:-

**ମା କାନା ଲିନବିୟିନ୍ ଅନ୍ ୟକୁନା ଲହୁ ଅସ୍‌ରା ହତ୍ତା ୟୁସ୍‌ଖିନା ଫିଲ୍ ଅରଜି ତୁରିଦୁନା ଅରଜଦ୍ ଦୁନ୍‌ୟା ଓ୍ୱଲ୍ଲାହୁ ୟୁରିଦୁଲ୍ ଆଖିରତା ଓ୍ୱଲ୍ଲାହୁ ଅଜିଜୁନ୍ ହକିମ୍ (ଅଲ୍‌ଅନ୍‌ଫାଲ୍:୬୮)**

ଅର୍ଥାତ:- ଦେଶରେ ରକ୍ତପାନ ନ ହେବା ପର୍ଯ୍ୟନ୍ତ କୌଣସି ନବୀଙ୍କ ପକ୍ଷରେ କାହାରିକୁ ବନ୍ଦୀ କରି ରଖିବା ଶୋଭନୀୟ ନୁହେଁ (ଯଦି ତୁମ୍ଭେ ବିନ୍ ଯୁଦ୍ଧରେ କାହାରିକୁ ବନ୍ଦୀ କରି ରଖ) ତେବେ ତୁମେମାନେ ପାର୍ଥିବ ବିଭବ କାମନା କରୁଥିବାର ଜଣାଯିବ; ଅଥଚ ଅଲ୍ଲାଃ (ତୁମମାନଙ୍କ ପାଇଁ) ପରକାଳର (ବିଭବ) କାମନା କରୁଛନ୍ତି; ଏବଂ ଅଲ୍ଲାଃ ହିଁ ପରାକ୍ରମୀ (ଓ) ତତ୍ତ୍ୱଜ୍ଞ ।

ଅତଏବ ଯେଉଁଠି ରକ୍ତପାତ ଯୁଦ୍ଧର ସର୍ତ ଲାଗିଗଲା, ସେଠାରେ ଅର୍ଥାତ ଯୁଦ୍ଧ କ୍ଷେତ୍ରରେ କେବଳ ସେହି ମହିଳାମାନଙ୍କୁ ବନ୍ଦୀ କରାଯାଉଥିଲା ଯେଉଁମାନେ ଯୁଦ୍ଧ ଭୂଇଁରେ ଉପସ୍ଥିତ ହେଉଥିଲେ । ତେଣୁ ଏହି ଦୃଷ୍ଟିକୋଣରୁ ସେମାନେ କେବଳ ମହିଳା ହିଁ ନଥିଲେ ବରଂ ଯୁଦ୍ଧରେ ଲଢ଼ିବା ପାଇଁ ଆସିଥିବା ଶତୃପକ୍ଷର ସଦସ୍ୟ ଥିଲେ ।

ଏତଦ୍ ବ୍ୟତୀତ ଯେବେ ସେ ସମୟର ଯୁଦ୍ଧ ନିୟମାବଳୀ ଓ ସେ ସମୟର ରୀତି ନୀତିକୁ ଦେଖିବେ ତା'ହେଲେ ଜଣାପଡୁଛି ଯେ ସେ ସମୟରେ ଯେତେବେଳେ ଯୁଦ୍ଧ ହେଉଥିଲା ସେତେବେଳେ ଦୁଇପକ୍ଷର ଲୋକମାନେ ପରସ୍ପରର ବନ୍ଦୀମାନଙ୍କୁ ଦାସ ବା ଦାସୀ ବନାଉଥିଲେ । ସେମାନେ ପୁରୁଷ ହୁଅନ୍ତୁ ବା ସ୍ତ୍ରୀ । ସେଥିଯୋଗୁଁ **ଓ୍ୱ ଜୟାଉ ସୟେଅତିନ୍ ମିସ୍‌ଲୁହା (ଶୋଅରା:୪୧)** ଅନ୍ତର୍ଗତ ସେମାନଙ୍କର ନିଜ ନିଜର ନିୟମ ଅନୁଯାୟୀ ଯାହାକି ଦୁଇପକ୍ଷଙ୍କୁ ସ୍ୱୀକାର ହେଉଥିଲା, ତା ମୁତାବକ ମୁସଲମାନମାନଙ୍କୁ ଏପରି କରିବା ମୁସଲମାନମାନଙ୍କ ପାଇଁ କୌଣସି ଆପତିଜନକ କଥା ସାବ୍ୟସ୍ତ ହେଉନାହିଁ । ବିଶେଷ କରି ଯେତେବେଳେ ସେହି ଯୁଗ, ସେହି ପରିବେଶ ଓ ସେହି ଇଲାକାର ନିୟମ ପ୍ରସଙ୍ଗରେ ଦେଖାଯିବ । ସେହି ଯୁଗରେ ଯୁଦ୍ଧରେ ଲିପ୍ତ ରହୁଥିବା ଦୁଇ ଦଳ ସେହି ସମୟର ପ୍ରଚଳିତ ନିୟମ ଅନୁସାରେ ହିଁ ଯୁଦ୍ଧ କରୁଥିଲେ । ଯୁଦ୍ଧର ସମସ୍ତ ନିୟମ କାନୁନ୍ ଉଭୟ ଦଳ ଉପରେ ସମ୍ପୂର୍ଣ୍ଣ ରୂପେ ଲାଗୁ ହେଉଥିଲା । ସେଥିରେ କୌଣସି ପକ୍ଷକୁ କିଛି ବି ଆପତି ନଥିଲା । ଏକଥା ଆପତିଜନକ ସେତେବେଳେ ହୋଇଥାନ୍ତା ଯେତେବେଳେ ମୁସଲମାନମାନେ ସେ ସମୟର ନିୟମ କାନୁନ୍ ନ ମାନି ଏପରି କରିଥାନ୍ତେ ।

ଏହା ସତ୍ୱେ ମଧ୍ୟ ପବିତ୍ର କୁର୍‌ଆନ୍ ଗୋଟିଏ ନୀତିଗତ ସିଦ୍ଧାନ୍ତ ଓ ଶିକ୍ଷା ଦ୍ୱାରା ସେହି ସମସ୍ତ ଯୁଦ୍ଧ ସମ୍ବନ୍ଧୀୟ ନୀତି ନିୟମକୁ ବାନ୍ଧି ରଖିଛି । ଅଲ୍ଲାଃ କହୁଛନ୍ତି:- **ଫାତଦୁ ଆଲୈହେ ବିମିସ୍‌ଲେ ମାତଦା ଆଲୈକୁମ୍ (ଅଲ୍‌ବକ୍‌ରାଃ:୧୯୫)** ଅର୍ଥାତ:- ଯେଉଁ ବ୍ୟକ୍ତି ତୁମମାନଙ୍କ ଉପରେ ଅତ୍ୟାଚାର କରିଛି ତୁମେମାନେ ମଧ୍ୟ ତା'ଠାରୁ (ତାହାର) ଅତ୍ୟାଚାରର ସେତିକି ପରିମାଣ ପ୍ରତିଶୋଧ ନିଅ ଯେତିକି ପରିମାଣ ଅତ୍ୟାଚାର ସେ ତୁମମାନଙ୍କ ପ୍ରତି କରିଅଛି ।

ପୁଣି ଅଲ୍ଲାଃ କହିଲେ: **ଫମନିଅତଦା ବାଦ ଜାଲିକା ଫଲହୁ ଅଜାବୁନ୍ ଅଲୀମ୍ (ଅଲ୍‌ମାଇଦା:୯୫)** ଅର୍ଥାତ ସୁତରାଂ ଯିଏ ଏହି ଆଦେଶ (ଶୁଣିବା) ପରେ ସୀମା ଲଂଘନ କରିବ ତାହା ପାଇଁ ଯନ୍ତ୍ରଣାଦାୟକ ଶାସ୍ତି ରହିଛି ।

ଏହା ହେଉଛି ଏପରି ସିଦ୍ଧାନ୍ତମୂଳକ ଶିକ୍ଷା ଯାହା ପୂର୍ବରୁ ସମସ୍ତ ଶିକ୍ଷାଗୁଡ଼ିକ ଉପରେ ଏକ ସ୍ୱତନ୍ତ୍ର ଶ୍ରେଷ୍ଠତା ରଖିଛି, ଯଦି ବାଇବେଲ ଏବଂ ଅନ୍ୟାନ୍ୟ ଧର୍ମଗୁଡ଼ିକର ପବିତ୍ର ପୁସ୍ତକମାନଙ୍କରେ ଥିବା ଯୁଦ୍ଧ ସମ୍ବନ୍ଧୀୟ ନୀୟମାବଳୀଗୁଡ଼ିକୁ ଯଦି ଅଧ୍ୟୟନ କରାଯାଏ ତେବେ ସେଥିରେ ଶତ୍ରୁକୁ ଦଳିତଳାନ୍ତ ଓ ବିନାଶ କରିଦେବାର ଶିକ୍ଷା ମିଳିଥାଏ । ପୁରୁଷ ଓ ମହିଳାଙ୍କୁ ତ ଗୋଟିଏ ପଟେ ରଖନ୍ତୁ, ସେମାନଙ୍କର ଅଳ୍ପବୟସର ପିଲାମାନଙ୍କୁ, ପଶୁମାନଙ୍କୁ ଏବଂ ଘରଗୁଡ଼ିକୁ ଲୁଣ୍ଠନ କରିନେବା, ଜଳାଇ ଦେବା ଓ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେବା ପାଇଁ ସେହି ସମସ୍ତ ପୁସ୍ତକଗୁଡ଼ିକରେ ନିର୍ଦ୍ଦେଶ ରହିଛି । କିନ୍ତୁ ପବିତ୍ର କୁର୍‌ଆନ୍ ଏପରି ପରିସ୍ଥିତିରେ ବି ଏପରି ଘୃଣ୍ୟ କାମ କରିବାରୁ ନିବୃତ୍ତ ରହିବା ପାଇଁ ଶିକ୍ଷା ଦେଇଛଇ । ଯେବେ କି ସେ ସମୟରେ ଉଭୟ ପକ୍ଷର ଲୋକମାନେ ନିଜ ନିଜର ଭାବନା ଉପରେ କୌଣସି ନିୟନ୍ତ୍ରଣ ନଥାଏ, ଓ ଉଭୟେ ଜଣେ ଅନ୍ୟକୁ ମାରିବା ପାଇଁ ଚେଷ୍ଟା କରିଥାନ୍ତି ଏବଂ ଆବେଗ ଏତେମାତ୍ରାରେ ଭଡ଼କି ଉଠିଥାଏ ଯେ ଶତୃପକ୍ଷର ଲୋକଙ୍କୁ ମାରିବା ପରେ ମଧ୍ୟ ମନ ଶାନ୍ତି ହୁଏନାହିଁ, ପୁଣି ଶତୃର ଶବଗୁଡ଼ୁକୁ ପଦଦଳିତ କରି ମନକୁ ଥଣ୍ଡା କରାଯାଇଥାଏ । ଏହିଭଳି ସମୟରେ ଇସ୍‌ଲାମ୍ ଆ ଉପରେ ଅଙ୍କୁଶ ଲଗାଇଛି ଏବଂ ସାହାବାମାନେ ଇସ୍‌ଲାମୀୟ ଶିକ୍ଷା ଉପରେ ପରିଚାଳିତ ହୋଇ ଦେଖାଇ ଦେଇଛନ୍ତି । ଇତିହାସ ଏହିପରି ଶହ ଶହ ଘଟଣାର ମୂକ ସାକ୍ଷୀ ।

ସେ ସମୟରେ ମୁସଲମାନମାନେ କୁଫାର (ଅଣମୁସଲମାନମାନେ) ମୁସଲମାନ ମହିଳାମାନଙ୍କୁ ବନ୍ଦୀ କରିନେଉଥିଲେ ଏବଂ ସେମାନଙ୍କ ସହିତ ଅତ୍ୟନ୍ତ ଖରାପ ବ୍ୟବହାର କରୁଥିଲେ । ବନ୍ଦୀମାନଙ୍କ କଥା ତ ଛାଡ଼ନ୍ତୁ ସେମାନେ ମୁସଲମାନମାନଙ୍କ ଶବଗୁଡ଼ିକୁ ମଧ୍ୟ ଛାଡୁନଥିଲେ । ଶବର କାନ, ନାକ ଓ ଆଖିଗୁଡ଼ିକୁ କାଟି ଦେଉଥିଲେ । ହଜରତ ହମ୍‌ଜାଃ ର:ଅଙ୍କ କଲିଜାକୁ ହିନ୍ଦା ନାମୀ ମହିଳା ରଣଭୂମିରେ ଚୋବାଇ ଥିଲା । ଏ ଘଟଣାକୁ କିଏ ବା ନ ଜାଣିଛି । କିନ୍ତୁ ଏପରି ଘଟଣାରେ ମଧ୍ୟ ମୁସଲମାନମାନଙ୍କୁ ଏ ଶିକ୍ଷା ଦିଆଯାଇଅଛି ଯେ, ଯଦି ଓ ସେମାନେ ଯୁଦ୍ଧ କ୍ଷେତ୍ରରେ ଅଛନ୍ତି, ତଥାପି ସେମାନେ କୌଣସି ମହିଳ କିମ୍ବା ଶିଶୁଙ୍କ ଉପରେ ଖଣ୍ଡାଚାଳନା କରିବେ ନାହିଁ ଏବଂ ଶତୃଙ୍କ ଶବକୁ ସମ୍ମାନ କରିବାକୁ ନିର୍ଦ୍ଦେଶ ଦେଇଛି ।

ଯେଉଁଠି ଦାସୀ ବନାଇବାର କଥା ଉଠୁଛି, ଏ ପ୍ରସଙ୍ଗରେ ସର୍ବଦା ଏ କଥା ଆଖି ଆଗରେ ରଖିବା ଉଚିତ ଯେ ଇସ୍‌ଲାମ୍‌ର ପ୍ରାରମ୍ଭିକ ଯୁଗରେ, ଇସ୍‌ଲାମ୍‌ର ଶତ୍ରୁମାନେ ମୁସଲମାନମାନଙ୍କ ଉପରେ ନାନା ପ୍ରକାରର ଅତ୍ୟାଚାର କରୁଥିଲେ ଏପରି କି ଯଦି କୌଣସି ଗରୀବ ଓ ଅତ୍ୟାଚିତ ମୁସଲମାନମାନଙ୍କର ମହିଳା ସେମାନଙ୍କ ହାତରେ ପଡ଼ିଯାଉଥିଲା ତା'ହେଲେ ସେମାନେ ତାକୁ ଦାସୀ ଭାବରେ ନିଜ ପତ୍ନୀମାନଙ୍କ ମଧ୍ୟରେ ସାମିଲ କରିନେଉଥିଲେ । ସୁତରାଂ **ଜୟାଉ ସୟେଅତିନ୍ ସୟେଅତୁମ୍ ମିସ୍‌ଲୁହା** ଅର୍ଥାତ ଯେଉଁ ବ୍ୟକ୍ତି ତୁମମାନଙ୍କ ଉପରେ ଅତ୍ୟାଚାର କରୁଛି ତୁମେମାନେ ମଧ୍ୟ ତା'ଠାରୁ (ତାହାର) ଅତ୍ୟାଚାରର ସେତିକି ପରିମାଣର ପ୍ରତିଶୋଧ ନିଅ ଯେତିକି ପରିମାଣ ଅତ୍ୟାଚାର ସେ ତୁମମାନଙ୍କ ପ୍ରତି କରିଅଛି ।

ଏହି ପବିତ୍ର କୁରଆନୀୟ ଶିକ୍ଷା ଅନ୍ତର୍ଗତ, ଯେଉଁ ମହିଳାମାନେ ଇସ୍‌ଲାମ୍ ଉପରେ ଆକ୍ରମଣ କରିବା ପାଇଁ ଯୁଦ୍ଧ ଭୂମିକୁ ଆସୁଥିଲେ ଓ ଶତୃପକ୍ଷଙ୍କୁ ସାହାଯ୍ୟ କରୁଥିଲେ, ସେ ସମୟର ନୀୟମ ଅନୁସାରେ ଯୁଦ୍ଧରେ

ସେମାନଙ୍କୁ ଦାସୀ ଭାବରେ ବନ୍ଦୀ କରାଯାଉଥିଲା । ପୁଣି ସେହି ମହିଳାମାନେ କ୍ଷତି ପୂରଣ ଦେଇ ବା ଲିଖିତ ପ୍ରତିଶ୍ରୁତି ଦେଇ ନିଜକୁ ମୁକ୍ତ କରୁନଥିଲେ, ସେତେବେଳେ ଏହିପରି ମହିଳାମାନଙ୍କ ସହିତ ନିକାହ୍ (ବିବାହ) କରାଯାଇ, ସେମାନଙ୍କ ସହିତ ବୈବାହିକ ସମ୍ପର୍କ ସ୍ଥାପନ କରାଯାଉଥିଲା । କିନ୍ତୁ ଏହି ନିକାହ୍ ନିମନ୍ତେ ସେହି ଦାସିମାନଙ୍କର ସମ୍ମତି ନେବା ଜରୁରୀ ମଣାଯାଉନଥିଲା । ତେଣୁ ଏପରି ଦାସିମାନଙ୍କୁ ବିବାହ କରିବା ପରେ ମଧ୍ୟ ପୁରୁଷମାନଙ୍କ ପାଇଁ ଚାରଟି ପତ୍ନୀ ରଖିବାର ଅନୁମତିରେ କୌଣସି ଫରକ ପଡୁନଥିଲା ଅର୍ଥାତ ଜଣେ ପୁରୁଷ ଚାରିଜଣ ପତ୍ନୀ ରଖିବା ପରେ ବି ଉପରୋକ୍ତ ଭାବରେ ଦାସି ବନାଯାଉଥିବା ମହିଳାଙ୍କୁ ବିବାହ ହୋଇପାରୁଥିଲା । କିନ୍ତୁ ଯଦି ସେହି ଦାସିଙ୍କ ଗର୍ଭରୁ ସନ୍ତାନ ଜନ୍ମ ହେଉଥିଲା ତେବେ ସେ ଉମ୍ମୁଲ୍ ୱଲଦ୍ (ଅର୍ଥାତ ସନ୍ତାନର ମାତା) ଭାବରେ ମୁକ୍ତ ହୋଇ ଯାଉଥିଲା ।

ଏତଦ୍ ବ୍ୟତୀତ ଇସ୍‌ଲାମ୍ ଦାସୀମାନଙ୍କ ସହିତ ସଦ୍‌ବ୍ୟବହାର କରିବା ପାଇଁ, ସେମାନଙ୍କ ଶିକ୍ଷା ଓ ପ୍ରଶିକ୍ଷଣର ବ୍ୟବସ୍ଥା କରିବା ପାଇଁ ଏବଂ ସେମାନଙ୍କୁ ମୁକ୍ତ କରିବାପାଇଁ ପ୍ରୋତ୍ସାହିତ କରିଛି ଓ ଏତଦ୍‌ଦ୍ୱାରା ପୂଣ୍ୟ ମିଳିଥାଏ ବୋଲି ଅଭିହିତ କରିଛି । ଅତଏବ ହଜରତ ଅବୁ ମୁସା ଅଶ୍‌ଅରୀ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ:-

**କାଲାନ୍ ନବିୟୁ ସ:ଆ:ସ ଅୟୁମା ରଜୁଲିନ୍....... ଫଲହୁ ଅଜ୍‌ରାନ୍ (ସହି ବୁଖାରୀ, କିତାବୁଲ୍ ଅତକ୍....)** ଅର୍ଥାତ:- ନବୀ କରିମ୍ ସ:ଆ:ସ କହିଲେ: ଯାହାଙ୍କ ନିକଟରେ କୌଣସି ଦାସି ଥାଏ ଓ ସେ ତାକୁ ବହୁତ ଭଲ ସଂସ୍କାର ଶିଖାଉଥିବ ପୁଣି ତାକୁ ଆଜାଦ୍ (ମୁକ୍ତ) କରି ତାକୁ ବିବାହ କରିନେବ ତା'ହେଲେ ଏପରି ଲୋକଙ୍କୁ ଡ଼ବଲ୍ (ଦୁଇଗୁଣା) ପୂଣ୍ୟ ମିଳିବ ।

ରୌଫେ ବିନ୍ ସାବିତ୍ ଅନ୍‌ସାରୀ ବର୍ଣ୍ଣନା କରିଛନ୍ତି:- **ସମେତୁ ରସୁଲଲ୍ଲାହେ ସ:ଆ:ସ ୟକୁଲୁ ୟୋମା ହୁନୈନ୍ କାଲା......... ଅଇଁ ୟବିୟା ମଗ୍‌ନମନ୍ ହତ୍‌ତା ୟୁକ୍‌ସମା** (ସୁନନେ ଅବି ଦାଉଦ୍, କିତାବୁଲ୍ ନିକାହ୍......)

ଅର୍ଥାତ:- ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ହୁନୈନ୍ ଦିନ ଏକଥା କହୁଥିବାର ଶୁଣିଛି ଯେ ଯେଉଁ ବ୍ୟକ୍ତି ଅଲ୍ଲାଃ ଏବଂ ୟୋମେ ଆଖିରତ୍ (ପରକାଳର ଦିନ) ଉପରେ ବିଶ୍ୱାସ ରଖିଛି, ତା ପାଇଁ ଏହା ଉଚିତ ନୁହେଁ ଯେ ସେ ନିଜର ପାଣିକୁ ଅନ୍ୟ କାହାର କ୍ଷେତରେ ଲଗାଉ । ଅର୍ଥାତ ଗର୍ଭବତୀ ମହିଳା ସହିତ ଶାରିରୀକ ସମ୍ବନ୍ଧ ସ୍ଥାପନ କରୁ ଏବଂ ଯେଉଁ ବ୍ୟକ୍ତି ଅଲ୍ଲାଃ ଏବଂ ୟୋମେ ଆଖିରତ୍ ଉପରେ ବିଶ୍ୱାସ

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family,*
*Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb,*
*Jamat Ahmadiyya, Kerang (Odisha)*

## କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍‌ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍‌ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର୍)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ଼୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼କାଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁର୍‌ଦାସ୍‌ପୁର୍, ପିନ୍-୧୪୩୫୧୬**
**ମୋବାଇଲ୍:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

### ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*Weekly* **BADAR** *Qadian* ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2020-2022 Vol.6 Thursday 11 Nov 2021 Issue No. 45**

**MANAGER**
**SHAIKH MUJAHID AHMAD**
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ କହିଛନ୍ତି- ***ଇତ୍ତକି ଦାଓ୍ୱତଲ୍ ମଜ୍‌ଲୁମି ଫଇନ୍ନହା ଲୈସା ବୈନହା ଓ୍ୱ ବୈନଲ୍ଲାହି ହିଜାବ୍ ।*** ଅର୍ଥାତ- ଅତ୍ୟାଚାରିତ ବ୍ୟକ୍ତିଙ୍କ ଅଭିଶାପକୁ ଭୟ କର । ଏହା ଏଥିପାଇଁ ଯେ ତାହାର ଅଭିଶାପ ଓ ଈଶ୍ୱରଙ୍କ ମଧ୍ୟରେ କୌଣସି ପ୍ରତିବନ୍ଧକ ନଥାଏ ।

ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ଆପଣ ଏ ଲକ୍ଷ୍ୟ (Target) ରଖନ୍ତୁ ଯେ ପାଂଚବର୍ଷ ମଧ୍ୟରେ ଆପଣ ଅତିକମ୍‌ରେ ଏକ ଲକ୍ଷ ଲୋକଙ୍କୁ ବୟତ କରାଇବେ ଏବଂ ପ୍ରତ୍ୟେକ ଅହେମଦୀଙ୍କୁ ଆପଣ ବାଜମାଅତ୍ ନମାଜି ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ନିୟମିତ ପବିତ୍ର କୁରଆନ୍ ପଠନକାରୀ ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ଖିଲାଫତ୍ ସହିତ ସମ୍ପର୍କ ରକ୍ଷାକାରୀ ବନାଇବେ । ପ୍ରତ୍ୟେକ ଅହେମଦୀଙ୍କୁ ଆଁ ହଜରତ ସ:ଆ:ସଙ୍କ ଉପରେ ଦରୁଦ୍ ପ୍ରେରଣକାରୀ ଭାବରେ ବନାଇବେ ।

ନୋଟ୍:- ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍‌ଙ୍କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

**ଭାଗ-୫**

**ପ୍ରଶ୍ନ-** ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଜାମିଆ ଅହେମଦୀୟା ଇଣ୍ଡୋନେସିଆର ଛାତ୍ରମାନଙ୍କର ୩୧ ଅକ୍ଟୋବର ୨୦୨୦ ମସିହାରେ ଏକ Virtual ସାକ୍ଷାତକାର ଅନୁଷ୍ଠିତ ହୋଇଥିଲା । ସେଥିରେ ଜଣେ ବିଦ୍ୟାର୍ଥି ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ନିବେଦନ କଲେ ଯେ ଏ ଯୁଗରେ ଅନେକ ଲୋକ ଏପରି ଅଛନ୍ତି ଯେଉଁମାନେ ହଜରତ ମସିହ୍ ମଉଦ ଆ:ସଙ୍କୁ ଥଟ୍ଟା ପରିହାସ କରୁଛନ୍ତି । ଆମ ତରଫରୁ ଏହାର ଉତର କେମିତି ହେବା ଉଚିତ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:-

**(ଉତର)-** ପ୍ରଥମ କଥା ହେଉଛି ଏହା କି ଅଲ୍ଲାଃ ତାଲା ସ୍ୱୟଂ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଏହା କହିଛନ୍ତି ଯେ **ଇନ୍ନି ମୁହିନୁନ୍ ମନ୍ ଅରାଦା ଇହାନତକା** ଅର୍ଥାତ ଯେଉଁମାନେ ତୁମର ଅସମ୍ମାନ କରୁଛନ୍ତି ମୁଁ ସେମାନଙ୍କର ଅସମ୍ମାନ କରିବି । ତେଣୁ ଅଲ୍ଲାଃ ସେମାନଙ୍କର ଦୁନିଆରେ କରନ୍ତୁ ବା ମୃତ୍ୟୁ ପରେ କରନ୍ତୁ, ନିଶ୍ଚିତ ସେମାନେ ଅପମାନିତ ହେବେ । ଯେଉଁମାନେ ଜାଣିଶୁଣି ଥଟ୍ଟା ପରିହାସ କରୁଛନ୍ତି, ସେମାନଙ୍କ କଥା ଅଲ୍ଲାଃ ତାଲା ନିଜେ ହିଁ ବୁଝିନେବେ । କିନ୍ତୁ ଆମର Resposne ଏହା ହିଁ ହେବ ଯାହା ହଜରତ ମସିହ ମଉଦ ଆ:ସ କହିଛନ୍ତି କି ''ତୁମେ ଧୈର୍ଯ୍ୟ ଧରିବ'' ଏବଂ କୌଣସି କଠୋର ବ୍ୟକ୍ତିଙ୍କ ଉତର କଠୋରତାର ସହିତ ଦେବ ନାହିଁ । ତୁମେମାନେ ଲଢ଼େଇ ଝଗଡ଼ା କରିବ ନାହିଁ । ଅବଶ୍ୟ ମୋ ପ୍ରତି ତୁମମାନଙ୍କର ଭଲ ପାଇବା ବହୁତ ରହିଛି କିନ୍ତୁ ଏହା ସତ୍ୱେ ମଧ୍ୟ ତୁମେମାନେ ଝଗଡ଼ା କରିବ ନାହିଁ । ଦେଖ ? ଆମ ସମସ୍ତଙ୍କୁ ସବୁଠାରୁ ପ୍ରିୟ ହେଉଛନ୍ତି ହଜରତ ମୁହମ୍ମଦ ସ:ଆ:ସ କି ନାହିଁ ? ମସିହ ମଉଦ ଆ:ସଙ୍କଠାରୁ ମଧ୍ୟ ଆମକୁ ଅଧିକ ପ୍ରିୟ ହେଉଛନ୍ତି ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ । ଆଜିକାଲି ଦେଖନ୍ତୁ ଫ୍ରାନ୍ସରେ କିଛି ୟୁରୋପିୟ ଦେଶଗୁଡ଼ିକରେ ମହାଭାଗ ସ:ଆ:ସଙ୍କ କାର୍ଟୁନ ତିଆରି କରି ଥଟ୍ଟା ପରିହାସ କରୁଛନ୍ତି । ଏଥିରେ ଆମର ପ୍ରତିକ୍ରିୟା କ'ଣ ? ଆମେ ଏହା କହୁଛୁ ଯେ ଆମ୍ଭେ ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ଅଧିକରୁ ଅଧିକ ଦରୁଦ୍ ପ୍ରେରଣ କରିଥାଉଁ, ସେତେବେଳେ ଆଲେ ମୁହମ୍ମଦ ଅର୍ଥାତ ହଜରତ ମୁହମ୍ମଦ ସ:ଆ:ସଙ୍କ ଅନୁଯାୟୀମାନଙ୍କ ଉପରେ ବି ଦରୁଦ୍ ପ୍ରେରଣ କରିଥାଉ । ଏହିପରି ଆଲେ ମୁହମ୍ମଦ ମଧ୍ୟ ଏଥିରେ ସାମିଲ ହୋଇଯାଇଛନ୍ତି । ରସୁଲେ୍ କରିମ୍ ସ:ଆ:ସଙ୍କର ସବୁଠାରୁ ବଡ଼ ଆଲ (ଅନୁଯାୟୀ) ହଜରତ ମସିହ୍ ମଉଦ୍ ଆ:ସ ଅଟନ୍ତି । ତେଣୁ ଆମର କାମ ଏହା ହେବା ଉଚିତ ଯେ ଯେଉଁଠି ଲୋକମାନେ ଥଟ୍ଟା ପରିହାସ କରୁଛନ୍ତି ସେଠି ଆମେ ଦରୁଦ୍ ପାଠ କରିବା ପ୍ରଥମ କଥା ହେଉଛି ଏହା କି ଲୋକମାନେ ରସୁଲେ୍ କରିମ୍ ସ:ଆ:ସଙ୍କର ଥଟ୍ଟା ପରିହାସ କରନ୍ତୁ ଅବା ତାଙ୍କ ଦାସ ମସିହ୍ ମଉଦ୍ ଆ:ସଙ୍କର ଆମ ପାଇଁ ଏହା ଉଚିତ ଯେ ଆମେ ଦରୁଦ୍ ପଢ଼ିଚାଲିବା ।

ଦ୍ୱିତୀୟରେ ନିଜର ଆଦର୍ଶ/ନମୁନା ଏପରି ବନାନ୍ତୁ ଯେ ଥଟ୍ଟା ପରିହାସ କରୁଥିବା ଲୋକମାନେ ଆପଣାଛାଏଁ ଚୁପ୍ ହୋଇଯିବେ । ସେମାନେ ଯେତେବେଳେ ଦେଖିବେ ଯେ ଆମେ ତ ଥଟ୍ଟା ପରିହାସ କରୁଛୁ କିନ୍ତୁ ଏମାନେ (ଅର୍ଥାତ ଅହେମଦୀମାନେ) ତ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା ଆମକୁ ବତାଉଛନ୍ତି । ଏମାନେ (ଅହେମଦୀମାନେ)ତ ପ୍ରେମ ଓ ଭଲ ପାଇବାକୁ ପ୍ରଚାର ପ୍ରସାର କରୁଛନ୍ତି । ଆମେ ଏମାନଙ୍କୁ (ଅହେମଦୀମାନଙ୍କୁ) ଘୃଣା କରୁଅଛୁ କିନ୍ତୁ ଏମାନେ ଆମ ସହିତ ପ୍ରେମ ଓ ଭଲ ପାଇବାର କଥା କହୁଛନ୍ତି । ପବିତ୍ର କୁର୍‌ଆନ୍‌ରେ ମଧ୍ୟ ଏହି କଥା ଉଲ୍ଲେଖ ରହିଛି ଯେ **କଅନ୍ନହୁ ଓ୍ୱଲିୟୁନ୍ ହମିମ୍ ।** ତୁମେମାନେ ଯଦି ସଠିକ୍ ଚରିତ୍ର ପ୍ରଦର୍ଶନ କରିବ, ତା'ହେଲେ ତୁମର ଶତ୍ରୁମାନେ ମଧ୍ୟ ତୁମର ପ୍ରିୟ ବନ୍ଧୁ ହୋଇଯିବେ ତେଣୁ ଆମର Response ଏହା ହେବ ଯେ ଆମେ ଚୁପ୍‌ଚାପ୍ ଆମର କାର୍ଯ୍ୟକୁ ଓ କର୍ମକୁ ଠିକ୍ କରି ଆମେ ଆମର ଅବସ୍ଥାକୁ ସୁଧାରିନେବା ଏବଂ ଅଲ୍ଲାଃଙ୍କ ସମ୍ମୁଖରେ ନତମସ୍ତକ ହେବା । ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ସେହି ଲୋକମାନଙ୍କ ଅବସ୍ଥାକୁ ଠିକ୍ କରି ଦିଅନ୍ତୁ ଏବଂ ଯଦି ଅଲ୍ଲାଃଙ୍କ ନିକଟରେ ସେମାନଙ୍କର ଅବସ୍ଥା ନ ସୁଧୁରୁଛି, ତା'ହେଲେ ଅଲ୍ଲାଃ ତାଲା ସେମାନଙ୍କଠାରୁ ଆମକୁ ମୁକ୍ତି ଦିଅନ୍ତୁ ଓ ସେମାନଙ୍କର ମୁହଁ ବନ୍ଦ କରିଦିଅନ୍ତୁ ଯଦ୍ୱାରା ସେମାନେ ଆମ ପ୍ରିୟଜନଙ୍କର ଥଟ୍ଟା ପରିହାସ କରିନପାରିବେ । ନା ମସିହ୍ ମଉଦ୍ ଆ:ସଙ୍କର ଓ ନା ତାଙ୍କଠାରୁ ବଳି ରସୁଲେ୍ କରିମ୍ ସ:ଆ:ସଙ୍କର ଥଟ୍ଟା ପରିହାସ କରନ୍ତୁ । ଆମେ ଖୁସି ଓ ଆନନ୍ଦ ଅନୁଭବ କରିବା । ଏ ଦୁନିଆରେ ଯେତେବେଳେ ରସୁଲେ୍ ପାକ ସ:ଆ:ସଙ୍କ ସମ୍ମାନ ହୋଇଥାଏ ସେତେବେଳେ ଆମକୁ ବହୁତ ଖୁସି ଅନୁଭବ ହୋଇଥାଏ । ତେଣୁ ଆମକୁ ଏ ଦୁଆ କରିବା ଉଚିତ ଯେ ଆମେ ସେହି ବ୍ୟକ୍ତି ବିଶେଷଙ୍କର ସମ୍ମାନକୁ ପ୍ରତିଷ୍ଠି ହେଉଥିବାର ଦେଖିବା ଯଦ୍ୱାରା ଆମକୁ ଆନନ୍ଦ ଅନୁଭବ ହେବ । ଅଲ୍ଲାଃଙ୍କଠାରୁ ମାଗନ୍ତୁ । ଆମେ ନିଜେ ଠେଙ୍ଗା ଧରିବା ନାହିଁ, ନା ରାଇଫଲ୍ ଧରିବା ଓ ନା ତୋପ ଉଠାଇବା ନା ଛର୍‌ରାକ । କିଛି ବି ନୁହେଁ । କେବଳ ଆମକୁ ଅଲ୍ଲାଃଙ୍କ ସମ୍ମୁଖରେ ନଇଁବା । ଆମେ ଆମର ଅବସ୍ଥାକୁ ସୁଧାରିବା ଏବଂ ଅଧିକରୁ ଅଧିକ ଦରୁଦ୍ ଶରିଫ୍ ପାଠ କରିବା ।

**(ପ୍ରଶ୍ନ)-** ସେହି ସାକ୍ଷାତକାରରେ ଅର୍ଥାତ ୩୧ ଅକ୍ଟୋବର ୨୦୨୦ ଦିନ ଜଣେ ବିଦ୍ୟାର୍ଥି ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ କହିଲେ ଯେ ଆମେ ଇନ୍‌ଶାଅଲ୍ଲାଃ କର୍ମକ୍ଷେତ୍ରକୁ ଯିବୁ । ସେଠାରେ ପହଂଚି ଜଣେ ମୁରବୀ (ମୁବଲ୍ଲିଗ୍)ଙ୍କର ସର୍ବପ୍ରଥମ କାର୍ଯ୍ୟ କ'ଣ ହେବା ଉଚିତ ? ହଜୁର ଅନଓ୍ୱର ଅ:ବ:ଅ ଏହାର ନିମ୍ନଲିଖିତ ଉତର ପ୍ରଦାନ କରି କହିଲେ:-

**ଉତର:** ହଜୁର ଅନଓ୍ୱର ଅ:ବ:ଅ କହିଲେ: କର୍ମକ୍ଷେତ୍ରରେ ପହଂଚି ସର୍ବପ୍ରଥମେ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ମତେ ଏଠାରେ, ଯେଉଁଠାରେ ମୋର ପୋଷ୍ଟିଂ ହୋଇଛି, ସଠିକ୍ ଭାବରେ ପୁରା ଇମାନ୍‌ଦାରୀ ସହିତ, ନିଷ୍ଠାର ସହିତ ଓ ଆନ୍ତରିକତାର ସହିତ କାମ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ । ନିଜର ସମ୍ପର୍କକୁ ଅଲ୍ଲାଃ ତାଲାଙ୍କ ସହିତ ସଦୃଢ଼ କରନ୍ତୁ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ: ସର୍ବଦା ଏକଥା ମନେରଖନ୍ତୁ ଯେ ଆମର ପ୍ରତ୍ୟେକ କାର୍ଯ୍ୟ ଦୁଆ (ପ୍ରାର୍ଥନା) ଦ୍ୱାରା ସମ୍ପାଦିତ ହୋଇଥାଏ । ତେଣୁ ପ୍ରତ୍ୟେକ ମୁବଲ୍ଲିଗ୍ ଓ ମୁରବୀ, ଯିଏ କର୍ମ କ୍ଷେତ୍ରକୁ ଯାଉଛନ୍ତି, ସେମାନଙ୍କୁ ଏହା ଆବଶ୍ୟକ ଯେ ସେ ପ୍ରତିଜ୍ଞା କରନ୍ତୁ ଯେ ଆଜିଠାରୁ ମୁଁ ତହ୍‌ଜ୍ଜୁଦ୍ ନମାଜ କେବେ ବି ଛାଡ଼ିବି ନାହିଁ, ନିୟମିତ ପାଠ କରିବି । ଏଠି ଆପଣମାନଙ୍କର ବହୁତ ମୁବଲ୍ଲିଗ ମୃତ୍ୟୁ ବରଣ କରି ସାରିଛନ୍ତି । ମୁଁ ସେମାନଙ୍କର କିଛି ଇତିହାସ ଏଠାରେ ବର୍ଣ୍ଣନା କରୁଛି । ସେହି ମୁବଲ୍ଲିଗ୍‌ମାନେ ନିୟମିତ ପାଠ ତହ୍‌ଜ୍ଜୁଦ୍ ପାଠ କରୁଥବଲେ । ପୁଣି ହଜୁର ଅନଓ୍ୱର ଅ:ବ:ଅ କହିଲେ:- ପ୍ରତ୍ୟେକ ମୁରବୀଙ୍କୁ ଅତିକମ୍‌ରେ ପ୍ରତ୍ୟକ ଏକ ଘଂଟା ତହଜ୍ଜୁଦ୍ ନମାଜ ପଢ଼ିବା ଉଚିତ । ନମାଜରେ ଦୁଆ କରନ୍ତୁ ଯେ ଅଲ୍ଲାଃ ତାଲା ଆପଣମାନଙ୍କ କାମରେ ବର୍‌କତ୍ ପ୍ରଦାନ କରନ୍ତୁ । ପୁଣି ପାଂଚବେଳା ନମାଜ ଯଦି ଆପଣଙ୍କର ନମାଜ ସେଂଟର ଥାଏ, ମସ୍‌ଜିଦ୍ ଥାଏ ଓ ଆପଣ ସେଠାରେ ଉପସ୍ଥିତ ଅଛନ୍ତି, ତା'ହେଲେ ନିୟମିତ ବାଜମାଅତ୍ (ସାମୁହିକ) ଭାବରେ ପାଠ କରନ୍ତୁ । ପୁଣି

*ଅବଶିଷ୍ଟାଂଶ ପୃଷ୍ଠା- ୧୦ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**